ବର୍ଷ-୨୫, ସଂଖ୍ୟା-୧୨୨
ଭୁବନେଶ୍ୱର
୦୫, ମଇ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 122
Bhubaneswar
05,May, 2025, Monday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ନୂଆପ୍ରେମ
ସାରା

# ପ୍ରଧାନମନ୍ତ୍ରୀଙ୍କ ଘନ ଘନ ବୈଠକ

## ଭାରତୀୟ ବାୟୁସେନା ମୁଖ୍ୟଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୪।୫(ମହାଭାରତ):** ଭାରତୀୟ ବାୟୁସେନା ମୁଖ୍ୟ ଅମରପ୍ରୀତ ସିଂହ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ବୈଠକ ପରେ, ଅମରପ୍ରୀତ ସିଂହ ପ୍ରଧାନମନ୍ତ୍ରୀ ବାସଭବନ ଛାଡି ଚାଲିଯାଇଛନ୍ତି । ଜମ୍ମୁ-କଶ୍ମୀରର ପହଲଗାମ ଆକ୍ରମଣ ପରେ, ଜାତୀୟ ସୁରକ୍ଷା ସହ ଜଡିତ ବିଷୟ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏପରି ପରିସ୍ଥିତିରେ, ଏହି ବୈଠକକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ପୂର୍ବରୁ ଶନିବାର ନୌସେନା ମୁଖ୍ୟ ଆଡମିରାଲ ଦିନେଶ ତ୍ରିପାଠି ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଥିଲେ । ଏହି ସମୟରେ ସେ ନୌସେନାର ବର୍ତ୍ତମାନର ପ୍ରସ୍ତୁତି ଏବଂ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ । ପହଲଗାମ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଲଗାତାର ବୈଠକ କରୁଛନ୍ତି। ଏହା ପୂର୍ବରୁ, ପ୍ରଧାନମନ୍ତ୍ରୀ ଦୁଇଥର ସିସିଏସ ବୈଠକ କରିଛନ୍ତି । ଏହି ସମୟ ମଧ୍ୟରେ ସେ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ। ସିସିଏସ ବୈଠକ ବ୍ୟତୀତ, ପ୍ରଧାନମନ୍ତ୍ରୀ ତିନି ସେନା ମୁଖ୍ୟଙ୍କ ସହ ପୃଥକ ପୃଥକ ବୈଠକ ମଧ୍ୟ କରିଛନ୍ତି । ଯାହା ଦ୍ୱାରା ପାକିସ୍ତାନରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଭାରତର ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ଢାଞ୍ଚା ପ୍ରସ୍ତୁତ ହୋଇପାରିବ।

ରବିବାର ଅନୁଷ୍ଠିତ ବୈଠକ ମଧ୍ୟ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିଲା। ପ୍ରଧାନମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେନା ପ୍ରତିକ୍ରିୟା ସମୟ, ପଦ୍ଧତି ଏବଂ ଲକ୍ଷ୍ୟ ସ୍ଥିର କରିବେ। ପାକିସ୍ତାନ ସହିତ ଏହି ଉତ୍ତେଜନା ମଧ୍ୟରେ, ସରକାର ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ଦେଶ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ସରକାର କହିଛନ୍ତି, ପହଲଗାମ ଆକ୍ରମଣର ଦୋଷୀ ଏବଂ ଷଡ଼ଯନ୍ତ୍ରକାରୀମାନଙ୍କୁ କଠୋର ଦଣ୍ଡ ଦିଆଯିବ ।ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସ୍ଥିତି ଲାଗି ରହିଥିବା ବେଳେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ଭାରତକୁ ଆଘାତ ଦେବାକୁ ସାହସ କରୁଥିବା ଲୋକଙ୍କୁ ଉଚିତ ଜବାବ ଦେବା ତାଙ୍କର ଦାୟିତ୍ୱ ବୋଲି ରବିବାର କହିଛନ୍ତି ରାଜନାଥ ।ପାକିସ୍ତାନ ସହିତ ଦିନକୁ ଦିନ ଉତ୍ତେଜନା ବୃଦ୍ଧି ପାଉଥିବାରୁ ତାଙ୍କର ଏଭଳି ମନ୍ତବ୍ୟ ଗୁରୁର ଭାବେ ଦେଖାଯାଉଛି ଏହା ପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ନିଜେ ପ୍ରତିରକ୍ଷା ମନ୍ତ୍ରୀଙ୍କ ସମେତ ପ୍ରମୁଖ ଭାରତୀୟ ନେତାମାନେ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେଇସାରିଛନ୍ତି।

ରବିବାର ରାଜନାଥ କହିଛନ୍ତି ଆମ ଦେଶ ଉପରେ ଆକ୍ରମଣ କରିବାକୁ ସାହସ କରୁଥିବା ଲୋକଙ୍କୁ ଉଚିତ ଜବାବ ଦେବା ମୋର ଦାୟିତ୍ୱ ଆପଣମାନେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ ନୀତି ଏବଂ ଦୃଢ଼ତା ଜାଣନ୍ତି ମିଡିଆ ରିପୋର୍ଟ ଅନୁସାରେ, ଏହି ସପ୍ତାହର ଆରମ୍ଭରେ, ପ୍ରଧାନମନ୍ତ୍ରୀ ଭାରତୀୟ ସଶସ୍ତ୍ର ବାହିନୀକୁ ଆତଙ୍କବାଦୀ ଆକ୍ରମଣର ଜବାବ ଦେବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ତେଣୁ ଖୁବଶୀଘ୍ର ଭାରତ ଆକ୍ସନ ନେଇପାରେ ବୋଲି କୁହାଯାଉଛି।

ଉଲ୍ଲେଖନୀୟ, ୨୨ ଏପ୍ରିଲରେ ପହଲଗାମ ଆକ୍ରମଣ ପରେ, ପ୍ରଧାନମନ୍ତ୍ରୀ ୨୬ ଏପ୍ରିଲରେ ପ୍ରଥମ ଥର ପାଇଁ ସିସିଏସ ବୈଠକ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପ୍ରତିରକ୍ଷା ମୁଖ୍ୟ ଅନିଲ ଚୌହାନ ଏବଂ ତିନି ସେନା ମୁଖ୍ୟ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକ ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେନାକୁ ସ୍ୱାଧୀନତା ଦେଇଥିଲେ ।





## ଅଟକିଲା ଚେନାବ ନଦୀ ଜଳ

**ନୂଆଦିଲ୍ଲୀ,୪।୫:** ଜମ୍ମୁ ଓ କଶ୍ମୀରର ପହଲଗାମରେ ୨୬ ଜଣ ପର୍ଯ୍ୟଟକଙ୍କ ହତ୍ୟାକାଣ୍ଡ ପରେ, ଭାରତ ପାକିସ୍ତାନ ଉପରେ ଲଗାତାର କଠୋର ହେବାରେ ଲାଗିଛି । ଉଭୟ ଦେଶର ସେନା ମୁହାଁମୁହିଁ ଅଛନ୍ତି । ଭାରତ ସରକାର ପଦକ୍ଷେପ ପାଇଁ ସେନାକୁ ସ୍ୱାଧୀନତା ଦେଇଛନ୍ତି । ଏହା ସହିତ, ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ନିଆଯାଉଛି ।ଏହି କ୍ରମରେ, ଭାରତ ଚେନାବ ନଦୀର ବନ୍ଧକୁ ବନ୍ଦ କରିଦେଇଛି। ସିନ୍ଧୁ ଜଳ ଚୁକ୍ତିନାମା ଭାଙ୍ଗିବାର ପ୍ରାୟ ୧୦ ଦିନ ମଧ୍ୟରେ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ଏହା ଫଳରେ ଚେନାବ ନଦୀରୁ ପାକିସ୍ତାନର ପଞ୍ଜାବ ପ୍ରଦେଶକୁ ଜଳ ଯୋଗାଣରେ ଏକ ବିରାଟ ହ୍ରାସ ଘଟିପାରେ ବୋଲି କୁହାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଭାରତ ଚେନାବ ଉପରେ ନିର୍ମିତ ବାଗଲିହାର ଡ୍ୟାମର ଗେଟ୍ ବନ୍ଦ କରିଦେଇଛି। ଏହି କାରଣରୁ ପାକିସ୍ତାନ ଆଡକୁ ପ୍ରବାହିତ ଚେନାବର ଜଳରେ ଏକ ବିରାଟ ହ୍ରାସ ଘଟିଛି। ରିପୋର୍ଟରେ କୁହାଯାଇଛି ଯେ, ଚେନାବ ନଦୀ ଉପରେ ଥିବା ବାଗଲିହାର ବନ୍ଧ ଏକ ନଦୀ ପ୍ରବାହୀ ଜଳ ବିଦ୍ୟୁତ କେନ୍ଦ୍ର ଭାବରେ ନିର୍ମିତ ହୋଇଛି। ଏହାର ଅର୍ଥ ହେଉଛି ଏହି ବନ୍ଧରୁ ଏପର୍ଯ୍ୟନ୍ତ ପାଣି ପ୍ରବାହ ବନ୍ଦ ହେଉ ନଥିଲା । ପାଣି ପ୍ରବାହକୁ ବାଧା ନ ଦେଇ ବିଦ୍ୟୁତ ଉତ୍ପାଦନ କରାଯାଉଥିଲା । ଜଳ ଚୁକ୍ତିନାମା ଅନୁଯାୟୀ ଉଲ୍ଲେଖ କରାଯାଇଥିବା ଛଅଟି ନଦୀ ମଧ୍ୟରୁ ଚେନାବ ଗୋଟିଏ । ଏହା ଏକ ପଶ୍ଚିମ ନଦୀ ଏବଂ ଚୁକ୍ତି ଅନୁଯାୟୀ, ଭାରତ ଏହି ନଦୀର ପାଣିକୁ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ବ୍ୟବହାର କରିପାରିବ । ଅଧିକାରୀମାନେ କହିଛନ୍ତି ଯେ, ଏହି ଡ୍ୟାମର ଗେଟ୍ ବନ୍ଦ କରିବା ଦ୍ୱାରା ପାକିସ୍ତାନର ପଞ୍ଜାବ ଅଞ୍ଚଳରେ ଗୁରୁତର ଜଳ ଅଭାବ ଦେଖାଦେଇପାରେ । ପାକିସ୍ତାନର ପଞ୍ଜାବର କ୍ଷେତଗୁଡ଼ିକୁ ଏହି ନଦୀର ପାଣିରେ ଜଳସେଚନ କରାଯାଇଥାଏ୍ୟ ସେହିପରି ଝେଲମ୍ ନଦୀ ଉପରେ ନିର୍ମିତ କିଶନଗଙ୍ଗା ବନ୍ଧରେ ମଧ୍ୟ ସମାନ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତି ଚାଲିଛି ।

## ଜୁନ୍ ୩୦ରେ ଶେଷ ହେବ ପ୍ରଶାସନିକ ସୀମା ପୁନର୍ଗଠନ

**ଭୁବନେଶ୍ୱର, ୪।୫(ମହାଭାରତ):** ରାଜ୍ୟରେ ପ୍ରଶାସନିକ ସୀମା ପୁନର୍ଗଠନ ନେଇ ଜାରି ହେଲା ଶେଷ ସମୟସୀମା। ଆସନ୍ତା ଜୁନ୍ ୩୦ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ପ୍ରଶାସନିକ ସୀମା ପୁନର୍ଗଠନ କାର୍ଯ୍ୟ ସମାପ୍ତ ହେବ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

ତେବେ ଦେଶରେ ଚଳିତ ବର୍ଷ ଜନଗଣନା ହେବାକୁ ଯାଉଥିବା ଏହାର ପ୍ରକିୟା ପ୍ରାୟ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବ। ଏଥିପାଇଁ ଆସନ୍ତା ଜୁନ୍ ୩୦ ମଧ୍ୟରେ ରାଜ୍ୟର ସମସ୍ତ ପ୍ରଶାସନିକ କ୍ଷେତ୍ରର ସୀମା ପୁନର୍ଗଠନ ପାଇଁ ନିର୍ଦ୍ଦେଶ ଦେଇଛି। ଜିଲ୍ଲା, ସବଡ଼ିଭିଜନ, ତହସିଲ, ରାଜସ୍ୱ ଗ୍ରାମ, ପାଇଁ ନୋଟିସ୍ ଜାରି କରାଯାଇଛି। ଏଥିପାଇଁ ଚଳିତ ବର୍ଷ ଜୁନ୍ ୩୦ ତାରିଖକୁ ଡେଡ୍‌ଲାଇନ ଦର୍ଶାଇଛି ବିଭାଗ। ଆସନ୍ତା ଜନଗଣନାକୁ ଆଖିରେ ରଖି ରାଜ୍ୟ ସରକାର ଜୁଲାଇ ୧ରୁ ପ୍ରଶାସନିକ ସୀମା ପୁନର୍ଗଠନ ପାଇଁ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତି ୧୦ ବର୍ଷରେ ଥରେ ଦେଶରେ ଜନଗଣନା ଅନୁଷ୍ଠିତ ହୁଏ। ଶେଷଥର ପାଇଁ ୨୦୧୧ରେ ଦେଶରେ ଜନଗଣନା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପ୍ରାୟ ଦେଶରେ ୧୨୧ କୋଟି ଜନତା ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ୨୦୨୧ରେ ଜନଗଣନା ହେବା କଥା, କିନ୍ତୁ କୋଭିଡ ମହାମାରୀ ଯୋଗୁଁ ଏହା ସ୍ଥଗିତ ରହିଥିବାରୁ, ଚଳିତ ବର୍ଷ ଜନଗଣନା କରିବା ପାଇଁ ନିଷ୍ପତି ନେଇଛନ୍ତି ସରକାର। ତେବେ ଏବେ ପ୍ରାୟ ଦେଶରେ ୧୪୦ କୋଟି ଛୁଇଁଲାଣି ଜନସଂଖ୍ୟା। ଆହୁରି ମଧ୍ୟ ଏଥର କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା ହେବା ନେଇ ଘୋଷଣା କରିଛନ୍ତି। ଯେଉଁଥିରେ ସମସ୍ତ ଜାତିଗତ ଜନଗଣନା କରାଯିବ ବେଳେ, ମୁସଲମାନଙ୍କୁ ବି ସେମାନଙ୍କ ଜାତି ପଚରାଯିବ।

## ୨ ରାଜସ୍ୱ ଅଧିକାରୀ ନିଲମ୍ବିତ

**ଭୁବନେଶ୍ୱର,୪।୫ (ମହାଭାରତ) :** ଶୃଙ୍ଖଳାଗତ କାରଣରୁ ଦୁଇ ଜଣ ଅତିରିକ୍ତ ତହସିଲଦାର ଗିଟୁ ବେହେରା ଏବଂ ନାରାୟଣ ସେଠୀଙ୍କୁ ନିଲମ୍ବିତ କରାଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଅଧିକାରୀମାନଙ୍କୁ ତୁରନ୍ତ ପ୍ରଭାବରୁ ନିଲମ୍ବିତ କରାଯାଇଛି ଏବଂ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରାଯାଉଛି। ସେମାନଙ୍କୁ ନିଲମ୍ବନ ଅବଧି ମଧ୍ୟରେ ଖୋର୍ଦ୍ଧା କଲେକ୍ଟୋରେଟରେ ରିପୋର୍ଟ କରିବାକୁ କୁହାଯାଇଛି। ଏପରିକି ଜିଲ୍ଲାପାଳଙ୍କ ପୂର୍ବ ଅନୁମତି ବିନା ସେମାନେ ମୁଖ୍ୟାଳୟ ଛାଡିପାରିବେ ନାହିଁ।

## ନିଟ୍ ୟୁଜି ପରୀକ୍ଷା ଶେଷ

**ନୂଆଦିଲ୍ଲୀ,୪।୫(ମହାଭାରତ):** ଡାକ୍ତରୀ ପ୍ରବେଶ ପରୀକ୍ଷା ନିଟ୍ ୟୁଜି ୨୦୨୫ ରବିବାର ଅନୁଷ୍ଠିତ ହୋଇଯାଇଛି। ସାରା ଦେଶର ୫୫୨ଟି ସହରରେ ଥିବା ୫ ହଜାର କେନ୍ଦ୍ର ଓ ୧୪ ବିଦେଶୀ ସେଣ୍ଟରରେ ଏହି ପ୍ରବେଶ ପରୀକ୍ଷା କରାଯାଇଛି।ଏଥର ପରୀକ୍ଷା ପେନ ଓ ପେପର ମୋଡରେ କରାଯାଇଛି। ଏହି ପରୀକ୍ଷା ଗୋଟିଏ ସିଫ୍ଟରେ ଶେଷ ହୋଇଥିବା ବେଳେ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷା ପାଇଁ ବଡ଼ ଧରଣର ପ୍ରସ୍ତୁତି କରାଯାଇଥିଲା।

ଦେଶରେ ୨୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବାକୁ ଥିବା ବେଳେ ଓଡ଼ିଶାରୁ ପ୍ରାୟ ୧ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଓଡ଼ିଶାର ୨୭ଟି ସହରରେ ପରୀକ୍ଷା କେନ୍ଦ୍ର କରାଯାଇଛି। ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ସହ ପ୍ରୁଭ୍ ବ୍ୟବସ୍ଥା ହୋଇଥିଲା। ପରୀକ୍ଷାର୍ଥୀ କୌଣସି ମଧ୍ୟସ୍ଥି କିମ୍ବା ପରୀକ୍ଷାରେ ପାସ କରିଦେବାକୁ କହି ଠକାମିରେ ପରୀକ୍ଷାର୍ଥୀ ନପଡ଼ିବ ପାଇଁ ପରାମର୍ଶ ଦେଇଛି ଏନଟିଏ।ଏଥର ଅଧିକାଂଶ ସେଣ୍ଟର ସରକାରୀ କଲେଜରେ ହୋଇଛି। ଏହି ପରୀକ୍ଷା ପାଇଁ ସବୁ ସ୍ତରରେ କଡ଼ାକଡ଼ି ଯାଞ୍ଚ ହୋଇଛି। ପରୀକ୍ଷା ପାଇଁ ଛାତ୍ର ଛାତ୍ରୀଙ୍କୁ ପରୀକ୍ଷା ହଲ ଭିତରକୁ ପେନ୍ ନେବା ମଧ୍ୟ ମନା ଥିଲା ଓ ପରୀକ୍ଷା ପାଇଁ ପୂର୍ବରୁ ଡ୍ରେସକୋଡ ସମ୍ପର୍କରେ ସୂଚିତ କରି ଦିଆଯାଇଥିଲା।

## ଦୀଘା ମନ୍ଦିର ବିବାଦ : ରାମକୃଷ୍ଣ ଦାସମହାପାତ୍ରଙ୍କୁ ଜେରା

**ପୁରୀ,୪।୫(ମହାଭାରତ):** ଶ୍ରୀମନ୍ଦିର ଦଇତାପତି ନିଯୋଗ ସେବାୟତ ରାମକୃଷ୍ଣ ଦାସମହାପାତ୍ରଙ୍କୁ ରବିବାର ନୋଟିସ୍ ଜାରି ହୋଇଛି। ଦୀଘାକୁ ଜଗନ୍ନାଥ ଧାମ ପ୍ରସଙ୍ଗରେ ବିଭ୍ରାନ୍ତି ସୃଷ୍ଟି, ଶ୍ରୀମନ୍ଦିରର ଗାରିମା କ୍ଷୁର୍ଣ୍ଣ ଅଭିଯୋଗରେ ଶ୍ରୀମନ୍ଦିର ପ୍ରଶାସନ ନୋଟିସ୍ ଜାରି କରିଛି। ଆଗାମୀ ୭ ଦିନ ଭିତରେ ଏହାର କୈଫୟତ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ଗତ ଦୁଇ ଦିନ ଧରି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ତୁହାକୁ ତୁହା ବୈଠକ,ପ୍ରତି ନିଯୋଗର ସଭାପତି ଓ ସମ୍ପାଦକଙ୍କ ସହ ଘନ ଘନ ବୈଠକ ପରିସ୍ଥିତିକୁ ଗରମା ଗରମ କରିଛି। ନୋଟିସ୍ ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ହାଜର ହୋଇଥିଲେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦଇତାପତି ନିଯୋଗ ସମ୍ପାଦକଙ୍କ ସହିତ ନିଯୋଗ ସଭାପତି ମଧ୍ୟ ଉପସ୍ଥିତ ଥିଲେ। ତାଙ୍କୁ ପ୍ରାୟ ଦେଡଘଣ୍ଟା ପଚରାଉଚୁରା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଜେରାବେଳେ ଦାରୁଘର ଚାବି ହସ୍ତାନ୍ତର ହୋଇଛି ? କେତେଖଣ୍ଡ ଦାରୁ ଗଛିତ ଥିଲା ତାର ହିସାବ ଆପଣଙ୍କ ପାଖରେ ଅଛି କି ? ଦାରୁଘରୁ ଆପଣ ଦାରୁ ଦେଇଛନ୍ତି କି ? ଯଦି ଦେଇନାହାନ୍ତି, ଗଣମାଧ୍ୟରେ ପ୍ରତିକ୍ରିୟା ରଖିଲେ କେମିତି ? ଏହିଭଳି ପ୍ରଶ୍ନରେ



ଘାଇଲା ହୋଇଛନ୍ତି। ତେବେ ଜେରାପରେ ରାମକୃଷ୍ଣ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଦଇତାପତି ନିଯୋଗ ଭଳି ଆହୁରି ଅନେକ ନିଯୋଗ ସେମାନଙ୍କ ମତ ରଖିଛନ୍ତି । ରାମକୃଷ୍ଣ ଦାସମହାପାତ୍ରଙ୍କ ନାଁରେ ଆଉ ଏକ ଏତଲା ଦାୟର ହୋଇଛି। ବୟାନବାଜିରେ ତାଳମେଳ ରହୁନଥିବାରୁ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମରରେ ଦଇତାପତିଙ୍କ କାର୍ଯ୍ୟକୁ ନିନ୍ଦା କରିବା ଯୋଗୁ ପରିସ୍ଥିତି ଭିନ୍ନ ମୋଡ ନେଇଛି। ରାମକୃଷ୍ଣ ମହାପାତ୍ରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଆଗାମୀ ୭ ଦିନ ଭିତରେ ଏହାର କୈଫୟତ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି। ସନ୍ତୋଷଜନକ ଉତ୍ତର ନଦେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏଥି ସହିତ ୧୯୫୫ ଶ୍ରୀଜଗନ୍ନାଥ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ମହାପ୍ରଭୁଙ୍କ ବିଗ୍ରହ ନିର୍ମାଣ ପରେ ବଳକା ଦାରୁ ଶ୍ରୀମନ୍ଦିର ଦାରୁଘରରେ ସଂରକ୍ଷିତ ରହିବା କଥା। ଆବଶ୍ୟକ ବେଳେ ଶ୍ରୀଜିଉମାନଙ୍କ ବ୍ୟବହାରରେ ଲାଗିବା ପରମ୍ପରା ରହିଛି। ଏନେଇ ଅବଗତ ଥାଇ ମଧ୍ୟ ରାମକୃଷ୍ଣ ମହାପାତ୍ରଙ୍କ ବୟାନ ବିଭ୍ରାନ୍ତି ସୃଷ୍ଟି କରୁଛି। ଦଇତାପତି ଶ୍ରୀ ଦାସମହାପାତ୍ରଙ୍କ ଦ୍ୱନ୍ଦ୍ୱାତ୍ମକ ବୟାନ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଲୋଡ଼ନ ସୃଷ୍ଟି କରିବା ସହ ତାଙ୍କ ଧାର୍ମିକ ଭାବନାରେ ଗଭୀର ଆଘାତ ଦେବା ସହ ଶ୍ରୀମନ୍ଦିରର ଗରିମା ଓ ଐତିହ୍ୟକୁ କ୍ଷୁର୍ଣ୍ଣ କରିଥିବା ନୋଟିସରେ ଦର୍ଶାଯାଇଛି।

## ରିଂରୋଡ୍ ଅଘଟଣଣର ତଦନ୍ତ ଆରମ୍ଭ

**ଭୁବନେଶ୍ୱର,୪।୫(ମହାଭାରତ):** କଟକ ରିଙ୍ଗରୋଡ଼ ସଂପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଗତକାଲି ଘଟିଥିବା ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏ ନେଇ ୩ ଜଣିଆ ବୈଷୟିକ କମିଟି ଗଠନ କରାଯାଇଛି। ଘଟଣା ସ୍ଥଳରେ ପହଞ୍ଚିଛନ୍ତି ତଦନ୍ତକାରୀ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉପ ଜିଲ୍ଲାପାଳଙ୍କ ନେତୃତ୍ୱରେ ଆସିଛି ଏହି ଟିମ୍। ଟିମ୍‌ରେ ଶ୍ରମ ଅଧିକାରୀ ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସାମିଲ ଅଛନ୍ତି । ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି ଅଧିକାରୀ

ଏ ନେଇ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଖାନନଗର ନିକଟରେ ୬ ଲେନ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏପରି ଘଟଣା କାହିଁକି ଏବଂ କେଉଁ ପରିସ୍ଥିତରେ ଘଟିଲା ସେ ସମ୍ପର୍କରେ ଗଠିତ ବୈଷୟିକ କମିଟି ସବୁ ଦିଗକୁ ଅନୁଧ୍ୟାନ ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ଯଦି ଏଥିରେ କାହାରି ସମ୍ପୃକ୍ତି ଜଣା ପଡ଼ୋ ପରବର୍ତ୍ତୀ ସମୟରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଖାନନଗରରେ ବ୍ରିଜ୍ କାମ ଜାରି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଏକ ଘରୋଇ କଂପାନିକୁ ଦାୟିତ୍ୱ ଦିଆଯାଇଛି। ଅନ୍ୟ ଦିନ ଭଳି ଶନିବାର ମଧ୍ୟ ଏଠାରେ ନିର୍ମାଣ କାମ ଚାଲିଥିଲା। କିନ୍ତୁ ଅପରାହଣ୍ ସମୟରେ ଅଘଟଣ ଘଟିଥିଲା। ଅଚାନକ ବ୍ରିଜ୍ ଉପରୁ ସ୍ଲାବ ପଡ଼ିଯିବା କାରଣରୁ ୫ ଜଣ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଜଣ ଶ୍ରମିକ ସେମ୍ୟରଂଜନ ମଲ୍ଲିକ୍, ଶିବଶଙ୍କର ପଟ୍ଟନାୟକ ଓ ସୁବାଷ ଭକ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ଅନ୍ୟ ୨ ଜଣ (ଅରୁଣ ବାରିକ ଓ ବିକଳ ଜେନା)ଙ୍କର ଚିକିତ୍ସା ଜାରି ରହିଛି।

## ୟୁରୋପୀୟ ସଂଘକୁ ଜୟଶଙ୍କରଙ୍କ ତାଗିଦ

ନୂଆଦିଲ୍ଲୀ,୪।୫(ମହାଭାରତ): ପହଲଗାମ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବହୁ ପରିମାଣରେ ବୃଦ୍ଧି ପାଇଛି। ଉଭୟ ଦେଶ ଯୁଦ୍ଧର ଦ୍ୱାରଦେଶରେ ଠିଆ ହୋଇଛନ୍ତି। ତେବେ ୟୁରୋପୀୟ ସଂଘ ଦୁଇଦେଶ ଉତ୍ତେଜନା ହ୍ରାସ ପାଇଁ ପ୍ରସ୍ତାବ ଦେଇଛି । ଏହାର ପ୍ରତିକ୍ରିୟାରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ୟୁରୋପ ସମେତ ସମଗ୍ର ବିଶ୍ୱକୁ ଏକ ସ୍ପଷ୍ଟ ଏବଂ ସିଧାସଳଖ ବାର୍ତ୍ତା ଦେଇଛନ୍ତି। ଜୟଶଙ୍କର ଆର୍କଟିକ ସର୍କଲ ଇଣ୍ଡିଆ। ଫୋରମ୍ ୨୦୨୫ରେ କହିଛନ୍ତି ଭାରତକୁ ସହଯୋଗୀଙ୍କ ଆବଶ୍ୟକତା ଅଛି, ଉପଦେଷ୍ଟା ନୁହେଁ। ବିଶେଷକରି ନିଜ ଘରେ ଗୋଟିଏ ଉପଦେଶ, ଅନ୍ୟମାନଙ୍କ କ୍ଷେତ୍ରରେ ଅନ୍ୟ ଏକ ଉପଦେଶ ଦେବାବାଲା ଆମର ଆବଶ୍ୟକ ନାହିଁ। ଡକ୍ଟର ଜୟଶଙ୍କର କହିଛନ୍ତି ଯେ ଭାରତ ପାରସ୍ପରିକ ସମ୍ମାନ ଏବଂ ବୁଝାମଣା ପ୍ରଦର୍ଶନ କରୁଥିବା ଦେଶମାନଙ୍କ ସହିତ କାମ କରିବାକୁ ଚାହୁଁଛି। ସେ ୟୁରୋପକୁ କଟାକ୍ଷ କରି କହିଥିଲେ ଯେ କିଛି ୟୁରୋପୀୟ ଦେଶଙ୍କ ମୂଲ୍ୟବୋଧ ଓ କର୍ମରେ ବିରାଟ ପାର୍ଥକ୍ୟ ରହିଛି।

## ଯୁଦ୍ଧ ଆଶଙ୍କା : ଓଡ଼ିଶା କର୍ମଚାରୀଙ୍କ ଛୁଟି ବାତିଲ୍

ନୂଆଦିଲ୍ଲୀ/ ଭୁବନେଶ୍ୱର,୪।୫(ମହାଭାରତ): ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। ବର୍ତ୍ତମାନ ସରକାର ପାକିସ୍ତାନ ଉପରେ ଡିଜିଟାଲ ଷ୍ଟ୍ରାଇକ୍ ଜାରି ରଖିଥିବାବେଳେ ଏବେ ଫାଇନାଲ ଯୁଦ୍ଧ ହେବା ନେଇ ବଡ଼ ସଙ୍କେତ ମିଳିଛି। ଯୁଦ୍ଧ ଲାଗି ଭାରତ ଗୋଳାବାରୁଦ, ଆରଡିଏକ୍ସ ଏବଂ ଏଚଏମଏକ୍ସ ଭଳି ଶକ୍ତିଶାଳୀ ବିସ୍ଫୋରକ ଓ ବିଭିନ୍ନ ଯୁଦ୍ଧାସ୍ତ୍ର ଅଧିକରୁ ଅଧିକ ଉତ୍ପାଦନ କରୁଛି। ଏନେଇ ସବୁ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି।

ଓଡ଼ିଶାର ବଲାଙ୍ଗୀର ଜିଲାରେ ଥିବା ବଡ଼ମାଲ ଅର୍ଡନାନ୍ସ ଫ୍ୟାକ୍ଟ୍ରିରେ ମଧ୍ୟ ସମସ୍ତ କର୍ମଚାରୀଙ୍କ ଛୁଟି ୬୦ ଦିନ ପାଇଁ ବାତିଲ କରାଯାଇଛି। ଏମଆଇଏଲ ଅଧିକାରୀମାନେ କହିଛନ୍ତି ଯେ ପାହାଲଗାମ ଆକ୍ରମଣ ପରେ କର୍ମଚାରୀମାନଙ୍କୁ ସତର୍କ ମୋଡରେ ରଖାଯାଇଛି। ଏହା ସୂଚାଏ ଯେ ଦେଶ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ଉତ୍ପାଦନକୁ ଅଗ୍ରାଧିକାର ଦେଉଛି। ମଧ୍ୟପ୍ରଦେଶର ଜବଲପୁର ସ୍ଥିତ ଗୋଳାବାରୁଦ କାରଖାନା (ଓଏଫକେ) ସମେତ ମ୍ୟୁନିସନ୍ସ ଇଣ୍ଡିଆ। ଲିମିଟେଡ (ଏମଆଇଏଲ) ଅଧୀନରେ ଥିବା ଅନେକ ପ୍ରତିରକ୍ଷା ଉତ୍ପାଦନ କାରଖାନା କର୍ମଚାରୀଙ୍କ ଦୀର୍ଘ ଛୁଟି ବାତିଲ କରିଛନ୍ତି। ଜବଲପୁରର ଖାମାରିଆ। ଗୋଳାବାରୁଦ କାରଖାନା ଓ ଚନ୍ଦ୍ରପୁରର ଅନ୍ୟ କାରଖାନାରେ ପ୍ରାୟ ୭,୦୦୦ କର୍ମଚାରୀ ଦୀର୍ଘଦିନ ଧରି ଛୁଟି ଆବେଦନ କରିବାକୁ ମନା କରାଯାଇଛି ଏବଂ ପୂର୍ବରୁ ଅନୁମୋଦିତ ଛୁଟିଗୁଡ଼ିକୁ ବାତିଲ କରାଯାଇଛି। କାରଖାନା ପରିଚାଳନା ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରୀୟ ସୁରକ୍ଷା ଓ ଉତ୍ପାଦନ ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି। ଖାମାରିଆ। କାରଖାନା ଭାରତର ଅନ୍ୟତମ ବୃହତ ସାମରିକ ଗୋଳାବାରୁଦ ଉତ୍ପାଦନ କେନ୍ଦ୍ର, ଯାହା କାରଗିଲ ଯୁଦ୍ଧ ସମୟରେ ବୋଫୋର୍ସ ଶେଲ ପାଇଁ ଫ୍ୟୁଜ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକରେ ବ୍ୟବହୃତ ୧,୦୦୦ ପାଉଣ୍ଡ ବୋମା ଯୋଗାଇଥିଲା।

# ଗଞ୍ଜାମ ପୋଲିସକୁ ବଡ଼ ସଫଳତା

## ୧୭ ମାଉଜର, ୬୬ ଗୁଳି ସହ ୧୮ ଅପରାଧୀ ଗିରଫ

**ଛତ୍ରପୁର, ୪।୫ (ମହାଭାରତ) :** ବାହାର ରାଜ୍ୟ ଲିଙ୍କରେ ଗଞ୍ଜାମରେ ଆତଙ୍କ ସୃଷ୍ଟି କରିବାକୁ ଯାଉଥିବା ଏକ ବଡ ଦୁର୍ଦ୍ଦାନ୍ତ ଅପରାଧୀ ଗ୍ୟାଙ୍ଗକୁ ଗଞ୍ଜାମ ପୁଲିସ ଧରିବାରେ ସଫଳ ହୋଇଛି। ଏହି ଦୁର୍ଦ୍ଦାନ୍ତ ଅପରାଧୀ ଗ୍ୟାଙ୍ଗ୍ ଗଞ୍ଜାମରେ ଆତଙ୍କ ସୃଷ୍ଟି କରିବା ପୂର୍ବରୁ ପୁଲିସ ଆଭାସ ପାଇ ଅପରାଧୀଙ୍କ ଉଦ୍ୟମକୁ ପଣ୍ଡ କରିଛି ଗଞ୍ଜାମ ପୁଲିସ। ଅପରାଧୀଙ୍କ ଗତିବିଧିକୁ ନେଇ ଗଞ୍ଜାମ ଏସ୍ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ଥାନା ଇଲାକାରେ ଅପରେସନ ଜାରି ରହିଥିଲା। ସ୍ୱତନ୍ତ୍ର ପୁଲିସ ଟିମ୍‌ର ଧରପଗଡରେ ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନର ୬ଟି ଥାନା ଇଲାକାରେ ୧୮ ଜଣ ଦୁର୍ଦ୍ଦାନ୍ତ ଅପରାଧୀ ଏବଂ ସେମାନଙ୍କ ଠାରୁ ୧୭ଟି ବନ୍ଧୁକ ଓ ୬୬ଟି ଜୁବନ୍ତ ଗୁଳି ଜବତ କରାଯାଇଛି।

ଗଞ୍ଜାମ ପୁଲିସର ଶେରଗଡ, ଭଞ୍ଜନଗର, ପୋଲସରା, କୋଦିନ୍ଦା, ଆସିକା ଓ ଚମାଖଣ୍ଡି ଥାନା ଅଂଚଳରେ ଏହି ୧୮ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି। ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଠାରୁ ଜବତ ହୋଇଥିବା ବନ୍ଧୁକ ଗୁଡିକ ବିହାର ରାଜ୍ୟ ମୁଙ୍ଗେର ବନ୍ଧୁକ କାରଖାନାରେ ପ୍ରସ୍ତୁତ ହେଉଥିବା ବନ୍ଧୁକ ଭଳି ଅନୁମାନ କରାଯାଉଛି। ବିଶେଷ ଅଭାସରୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଦମନ ଲାଗି ଚ୍ୟାଲେଞ୍ଜ୍ ସହ ସପ୍ତାହ ପୂର୍ବରୁ ଗଠନ ହୋଇଥିବା ସ୍ୱତନ୍ତ୍ର ପୁଲିସ ଟିମ୍ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଗ୍ୟାଙ୍ଗକୁ ଧରିବାରେ ଶେଷରେ ସଫଳ ହୋଇଛନ୍ତି। ଏହି ଗ୍ୟାଙ୍ଗର ଚେର କେତେଦୂର ଲମ୍ବିଛି ତାହାକୁ ନେଇ ଛାନଭିନ୍ ଲାଗି ରହିଛି। ଏହାସିହତ ଅପରାଧୀଙ୍କ ବାହାର ରାଜ୍ୟ ଲିଙ୍କକୁ ନେଇ ଖୋଳତାଡ ଚାଲିଛି। ଏଥିପାଇଁ ରାଜ୍ୟ ବାହାର ଅପରାଧୀ ଗ୍ୟାଙ୍ଗର ଲିଙ୍କ୍ ନେଇ ଆଉ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଛି। ବାହାର ରାଜ୍ୟ ପୁଲିସ ସହାୟତାରେ ତଦନ୍ତ ଜାରି ରଖାଯିବ। ବର୍ତମାନ ସମୟରେ ଯେଉଁ ଅପରାଧୀଙ୍କୁ ଧରାଯାଇଛି ଏବଂ ସେମାନଙ୍କ ନାଁରେ ପୂର୍ବରୁ ବିଭିନ୍ନ ଅପରାଧ ମାମଲାରେ ଜଡିତ ଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଯିବା ଗଞ୍ଜାମ ପୁଲିସ ପାଇଁ ବଡ ସଫଳତା ମିଳିଛି। ଏଥିପାଇଁ ଗଞ୍ଜାମ ଏସ୍.ପି.ଙ୍କ ନେତୃତ୍ୱରେ ତାଙ୍କରି ପୁଲିସ ଟିମର ପ୍ରଚେଷ୍ଟା ତଥା ଉଦ୍ୟମ ଲାଗି ଏହା ସମ୍ଭବ ହୋଇପାରିଛି ବୋଲି ଗଞ୍ଜାମ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଂଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସ୍.ପି. ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଏସ୍.ପି. ରଞ୍ଜିତ କୁମାର ପୃଷ୍ଟି, ଆସିକା ଏସଡ଼ିପିଓ ସନ୍ତୋଷ କୁମାର ଜେନା, ପୁରୁଷୋତମପୁର ଏସଡ଼ିପିଓ ଦୀପକ କୁମାର ମିଶ୍ର, ଆସିକା ଥାନା ଅଧିକାରୀ କୁଳମଣୀ ସେଠୀ, ଚମାଖଣ୍ଡି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ପୋଲସରା ଥାନା ଅଧିକାରୀ କୌଶିକ ମାଝୀ, ଶେରଗଡ ଥାନା ଅଧିକାରୀ ବିରେନ୍ଦ୍ର ଶିଆଳ, ଭଞ୍ଜନଗର ଥାନା ଅଧିକାରୀ ଜୀବନ କୁମାର ଜେନା ଓ କୋଦିନ୍ଦା ଥାନା ଅଧିକାରୀ ଦାମଦୋର ବିହାରି ପ୍ରମୁଖ ଉପସ୍ଥିତ ଥିଲେ।



ଏହି ଅପରାଧୀ ମାନେ ସମସ୍ତେ ଗଞ୍ଜାମ ଜିଲ୍ଲାର ଏବଂ ସମଗ୍ର ଜିଲ୍ଲାରେ ଏମାନେ ବିଭିନ୍ନ ସ୍ଥାନରେ ଲୁଟ୍, ଛିନ୍‌ତାଇ, ହତ୍ୟା, ଦାଦାଗିରି ଓ ଅନ୍ୟାନ୍ୟ ଗୁଣ୍ଡାଗିରି ଚଳାଇ ଏକ ସମାନ୍ତରାଳ ସାମ୍ରାଜ୍ୟ ବିସ୍ତାର କରିଥିଲେ। ସେମାନେ ପୋଲିସକୁ ବିଭିନ୍ନ ସମୟରେ ଚ୍ୟାଲେଞ୍ଜ ଦେଇ ଏ ପର୍ଯ୍ୟନ୍ତ ଧରା ପଡୁ ନଥିଲେ। ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଏହି ଅପରାଧୀ ଦମନ ଅଭିଯାନକୁ ତ୍ୱରାନ୍ୱିତ କରାଯିବା ପରେ ସାଧାରଣରେ ଆସ୍ୱସ୍ତି ପ୍ରକାଶ ପାଇଛି ।

## ୩ ଯବାନ ନିହତ

**ଶ୍ରୀନଗର,୪।୫:** ଜମ୍ମୁ-କଶ୍ମୀରର ରାମବନ ଜିଲାର ବ୍ୟାଟେରି ଚଷ୍ମା ନିକଟରେ ଏକ ସେନା ଟ୍ରକ୍ ଘାଟିରୁ ପ୍ରାୟ ୨୦୦-୩୦୦ ମିଟର ତଳକୁ ଖସି ପଡ଼ିଛି। ଫଳରେ ୩ ଯବାନ ଶହୀଦ ହୋଇଛନ୍ତ ।ପୋଲିସ, ଏସ୍‌ଡିଆରଏଫ୍, ସେନା ଏବଂ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି ଟ୍ରକ୍ଟି ଜମ୍ମୁରୁ ଶ୍ରୀନଗର ଯାଉଥିଲା ଏବଂ ମୃତକମାନଙ୍କୁ ରାମବନ ଜିଲା ହସ୍ପିଟାଲକୁ ଅଣାଯାଉଛି। ଦୁର୍ଘଟଣାର କାରଣ ଖୋଜା ଚାଲିଛି।



ଅଧିକାରୀମାନେ କହିଛନ୍ତି ଯେ, ଦୁର୍ଘଟଣାଟି ରବିବାର ପୂର୍ବାହ୍ନରେ ଜାତୀୟ ରାଜପଥ-୪୪ର ବ୍ୟାଟେରି ଚଷ୍ମା ନିକଟରେ ଘଟିଥିଲା ।ହି ସେନା ଟ୍ରକଟି ଜମ୍ମୁରୁ ଶ୍ରୀନଗର ଯାଉଥିବା ଏକ କନଭୟର ଅଂଶ ଥିଲା। ଏହି ସମୟ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ତୁରନ୍ତ, ଏସଡିଆର୍‌ଏଫ୍, ପୋଲିସ, ସେନା ଏବଂ ସ୍ଥାନୀୟ ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା।

ଅଧିକାରୀଙ୍କ ଅନୁଯାୟୀ, ଦୁର୍ଘଟଣା ଏତେ ଦୁଃଖଦ ଥିଲା ଯେ ଦୁର୍ଘଟଣା ପରେ ଗାଡ଼ିଟି ଲୁହା ଗଦାରେ ପରିଣତ ହୋଇଗଲା। ବର୍ତ୍ତମାନ ଶହୀଦ ଯବାନଙ୍କ ମୃତଦେହ ବାହାର କରିବା ପାଇଁ କାମ ଚାଲିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଭୀର ଖାଲ ମଧ୍ୟକୁ ଖସି ପଡ଼ିଥିଲା। ୩ ଯବାନଙ୍କୁ ସମ୍ମାନ ଜଣାଇବା ପାଇଁ ସେନା ଏକ ଶୋକ ସଭାର ଆୟୋଜନ କରିଥିଲା। ବରିଷ୍ଠ ସେନା ଅଧିକାରୀମାନେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଚୁଡ଼ା ଖିରୀ



ଆବଶ୍ୟକ ସାମଗ୍ରୀ: ଚୁଡ଼ା,କ୍ଷୀର,ଚିନି,ମିଲ୍କମେଡ଼,ନଡ଼ିଆ କୋରା,ଗୁଜୁରାତି,କାଜୁ-କିସମିସ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଡ଼ାକୁ ପାଣିରେ ଭଲ ଭାବେ ଧୋଇ ଚିପୁଡ଼ି ଏକ ମାତ୍ରରେ ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡ଼ାକୁ ପକାଇ ହାଲକା ଭାଜନ୍ତୁ। ଚୁଡ଼ା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟକୁ କାଢି ଦିଅନ୍ତୁ।

ଏବେ କଡ଼େଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜ,କିସମିସ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ। ଏହା ପରେ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ। କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡ଼ା ପକାନ୍ତୁ। ଚୁଡ଼ା ଟିକେ ଫୁଲି ଖୋଲି ଗଲା ପରେ ଏଥିରେ ଚିନି,ମିଲ୍କମେଡ଼,ନଡ଼ିଆ କୋରା ଓ ଭଜା କାଜୁ-କିସମିସ ପକାଇ ଫୁଟାନ୍ତୁ। କ୍ଷୀର ଓ ଚୁଡ଼ା ମିଶି ଖିରି ଭଳି ହୋଇଗଲେ ଏହାକୁ ଚୁଲିରୁ ଓହ୍ଲାଇଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଚୁଡ଼ା ଖିରୀ' ।

ଖବର

# ଓଡ଼ିଆ ଚଳଚ୍ଚିତ୍ର 'ନାୟିକା'ର ଟାଇଟଲ ଘୋଷଣା




'ଜୟ ଜଗନ୍ନାଥ ନତଜ୍ୟୋସ୍ନା ପ୍ରଡକ୍ସନ ହାଉସ ଦ୍ୱାରା ପ୍ରସ୍ତୁତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ନାୟିକା'ର ନାମ ବା ଟାଇଟଲ ଘୋଷଣା ସହିତ ପୋଷ୍ଟର ଉନ୍ମୋଚନ କରାଯାଇଛି। ଏ ନେଇ ଆୟୋଜିତ ଏକ ଉତ୍ସବରେ ପ୍ରଯୋଜକ ରୂପେଶ କୁମାର ନାୟକ, ସହ ପ୍ରଯୋଜିକା ସଙ୍ଗୀତା ବିଷୋୟୀ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ଏବଂ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ ପ୍ରମୁଖ ଯୋଗଦେଇଥିଲେ।ନାୟିକା ଭୂମିକାରେ ନଜର ଆସିବେ ମହାଶ୍ୱେତା ରାୟ। ଏବେ ବିଭିନ୍ନ ମୌଳିକ କାହାଣୀକୁ ନେଇ ଓଡ଼ିଆ ସିନେମା ର୍ନିମାଣ ହୋଇ ହିଟ୍ ହେଉଛି।ରୂପେଶ କୁମାର ନାୟକଙ୍କ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମୋହନ ସାହୁ। କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମୁଖ୍ୟ ରହିଛନ୍ତି ମିଡିଆ ପ୍ଲାନର ଭରତ ପ୍ରଧାନ।

# ଗଣେଶଙ୍କ ପୂଜାରେ କାହିଁ ଲଗାନ୍ତିନି ତୁଳସୀ

ରାମ-ସୀତା, ରାଧା-କୃଷ୍ଣ, ଶିବ-ପାର୍ବତୀ ଆଦି ଯୁଗଳ ନାମ ପରି ଅବଶ୍ୟ କେବେ ଦେଖିବାକୁ ମିଳିନାହିଁ ଗଣେଶ ଓ ତୁଳସୀଙ୍କ ନାମ। ମାତ୍ର ଗଣେଶଙ୍କୁ ତୁଳସୀ ଯେ ଏକତରଫା ଭାବେ ଭଲପାଇ ବସିଥିଲେ ତାହା ହୁଏତ ଆପଣ ଜାଣିଥିବେ। ଆଜି ଆମେ ଆଲୋଚନା କରିବା ସେହି ଅଭୁଲା ଏକତରଫା ପ୍ରେମ କାହାଣୀ ସଂପର୍କରେ। ଧର୍ମରାଜଙ୍କ ଝିଅ ତୁଳସୀ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ସେ ଗଙ୍ଗାନଦୀ କୂଳରେ ଏକ ଗୃହରେ ରହି ବିଷ୍ଣୁଙ୍କ ପୂଜା କରୁଥିଲେ। ଦିନେ ଶିବଙ୍କ ପୁତ୍ର ଗଣେଶ ସେଇ ବାଟ ଦେଇ ଅତିକ୍ରମ କଲେ। ଗଣେଶଙ୍କୁ ଦେଖି ତୁଳସୀ ତାଙ୍କୁ ପ୍ରେମ କରି ବସିଲେ। ସେ ଗଣେଶଙ୍କୁ ଯାଇ ପ୍ରେମ ନିବେଦନ କରିବା ସହ ତାଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଲେ। ମାତ୍ର ଗଣେଷ ବିନମ୍ରର ସହ ତୁଳସୀଙ୍କ ପ୍ରସ୍ତାବକୁ ପତ୍ୟାଖ୍ୟାନ କରି ସେ ତାଙ୍କ ମାଆ ପାର୍ବତୀଙ୍କ ପରି ଜୀବନସାଥୀ ଚାହାନ୍ତି ବୋଲି କହିଲେ। ଗଣେଶଙ୍କର ଏପରି ସିଧାସଳଖ ପ୍ରାତ୍ୟାଖ୍ୟାନ ଟିକେ ତୁଳସୀଙ୍କୁ ଲଜ୍ଜିତ କଲା। ସେ ଗଣେଶଙ୍କୁ ଏକ ଅଭିଶାପ ଦେଲେ। କହିଲେ ଯେ ତୁମେ ତୁମ ଇଚ୍ଛା ବିରୋଧରେ ବିବାହ କରିବ। ଗଣେଶ ତୁଳସୀଙ୍କ ଅଭିଶାପ ଶୁଣି କ୍ଷୁବ୍ଧ ହୋଇଗଲେ। ସେ ତାଙ୍କୁ ଓଲଟା ଅଭିଶାପ ଦେଇ କହିଲେ, ତୁମେ ଜଣେ ଅସୁରକୁ ବିବାହ କରିବ। ତୁଳସୀ ଗଣେଶଙ୍କୁ ନିଜ ଅଭିଶାପ ପାଇଁ କ୍ଷମା ମାଗିବା ସହ ତାଙ୍କ ଅଭିଶାପ ଫେରାଇ ନେବାକୁ ପ୍ରାର୍ଥନା କଲେ। ଗଣେଶ କହିଲେ ଯେ କେବଳ ବିଷ୍ଣୁ ଚାହିଁଲେ ତୁମକୁ ଏହି ଅଭିଶାପରୁ ମୁକ୍ତ କରିପାରିବେ। ତୁମେ ତାଙ୍କ ପୂଜାରେ ଲାଗିବ, ଏକ ଗଛ ହୋଇ। ମାତ୍ର ମୋ ପୂଜାରେ ତୁମେ କେବେ ବି ଲାଗିବ ନାହିଁ। ସେବେଠାରୁ ତୁଳସୀ ଅନ୍ୟ ସମସ୍ତ ଠାକୁରଙ୍କ ଦେହରେ ଲାଗି ହେଉଥିବା ବେଳେ ଗଣେଶଙ୍କ ପାଖେ ହୋଇନଥାଏ।

# ହନୁମାନଙ୍କ ହୃଦୟରେ ସର୍ବଦା ଶ୍ରୀରାମ



ଆମ ବ୍ୟକ୍ତିତ୍ୱରେ ଯେଉଁ ଭଳି ଗୁଣ ପ୍ରତିଫଳିତ ହେଉଥିବ ଆମ ସହ ମିଳାମିଶା କରୁଥିବା ବ୍ୟକ୍ତିଙ୍କ ଉପରେ ତାହାର ପ୍ରଭାବ ନିଶ୍ଚେ ପଡ଼ିବ। ହନୁମାନଙ୍କ ଭିତରେ ଭକ୍ତି ରସ ଭରି ରହିଥିଲା। ତାଙ୍କ ଶରୀରର ପ୍ରତିଟି ଅଙ୍ଗରେ କେବଳ ଆଉ କେବଳ ରାମ ହିଁ ବାସ କରୁଥିଲେ। ଏହି କାରଣରୁ ହନୁମାନଙ୍କୁ ଯିଏ ଭେଟୁଥିଲା ତାକୁ ରାମଙ୍କ ସାନ୍ନିଧ ସୁଖ ମିଳୁଥିଲା। ତେଣୁ ତାଙ୍କର ଉପସ୍ଥିତି ହିଁ ନିଜ ଭିତରେ ଏକ ସୁରକ୍ଷା ଭାବ ସୃଷ୍ଟି କରିଥାଏ। ସୁନ୍ଦରକାଣ୍ଡରେ ହନୁମାନଙ୍କ ଲଙ୍କା ପ୍ରବେଶକୁ ନେଇ ହନୁମାନ ଏବଂ ଲଙ୍କନୀ ରାକ୍ଷସୀର ବାର୍ତ୍ତାଳାପକୁ ଗୋସ୍ୱାମୀ ତୁଳସୀଦାସ ଅତି ସୁନ୍ଦର ଭାବେ ବର୍ଣ୍ଣନା କରି ଲେଖିଛନ୍ତି। ସେ ହନୁମାନଙ୍କ ସହ ହୋଇଥିବା ଏହି ବାର୍ତ୍ତାଳପକୁ ସତ୍‌ସଙ୍ଗ ବୋଲି କହିଛନ୍ତି। ଯେଉଁଥିରେ ଆଗକୁ ଲଙ୍କା ପ୍ରବେଶ ପାଇଁ ହନୁମାନଙ୍କୁ ଏକ ପରାମର୍ଶ ଦେଇଛି ଲଙ୍କିନୀ। ଏହି ବିଚାରର ଚୌପାଇକୁ ତୁଳସୀଦାସ ଲଙ୍କନୀ ପରି ରାକ୍ଷସୀ ମୁହଁରେ କୁହାଇ କରିଛନ୍ତି, 'ପ୍ରବିଶି ନଗର କିଜେ ସବ କାଜା। ହୃଦୟ ରଖି କୋସଲପୁର ରାଜା।' ଅର୍ଥାତ୍ ଅଯୋଧ୍ୟାପୁରୀର ରାଜା ଶ୍ରୀରାମଙ୍କୁ ସ୍ମରଣ କରି ନଗର ମଧ୍ୟକୁ ପ୍ରବେଶ କରି ସବୁ କାର୍ଯ୍ୟ କର। ଶ୍ରୀରାମଚରିତମାନସର ଏହି ଚୌପାଇ ନିଜର ପ୍ରଭାବ କାରଣରୁ ହିଁ ମନ୍ତ୍ର ହୋଇଗଲା। ବିପଦକୁ ଛୋଟ ମଣିବା ହିଁ ତାହା ଉପରେ ବିଜୟ ହାସଲ କରିବାରେ ସହାୟତା କରିଥାଏ। ହନୁମାନଙ୍କ ହୃଦୟରେ ଶ୍ରୀରାମ ତ' ପୂର୍ବରୁ ଥିଲେ। କାରଣ ଲଙ୍କା ଅଭିଯାନ ପାଇଁ ବାହାରିବା ସମୟରେ ତାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି, 'ଯହ କହି ନାଇ ସବହ୍ନି କହୁଁ ମାଥା। ଚଲେଉ ହରଷି ହିୟଂ ଧରି ରଘୁନାଥା।' ହନୁମାନ କେବଳ ଦୁଇଟି କାମ କରୁଥିଲେ। ପ୍ରଥମଟି ହେଉଛି ଶ୍ରୀରାମଙ୍କୁ ହୃଦୟରେ ରଖିଥିଲେ ଏବଂ ଅନ୍ୟଟି ଆନନ୍ଦରେ ରହୁଥିଲେ। ଏହି କାରଣରୁ ହନୁମାନଙ୍କ ଉପସ୍ଥିତି ମାତ୍ରକେ ହିଁ ଲଙ୍କିନୀର ମନୋଭାବ ଦିବ୍ୟ ହୋଇଯାଇଥିଲା । ସେ ରାବଣର ଗଡ଼ ଜଗୁଥିଲେ ମଧ୍ୟ ହନୁମାନଙ୍କ କାର୍ଯ୍ୟର ଉଦ୍ଦେଶ୍ୟ ବିଷୟରେ ଜାଣି ତାଙ୍କୁ ଲଙ୍କା ଭିତରକୁ ପ୍ରବେଶ କରିବା ଲାଗି ଅନୁମତି ଦେବା ସହ ତାଙ୍କୁ ଉତ୍ସାହିତ କରିଥିଲା। ତେଣୁ ଆମେ ନିଜ ହୃଦୟକୁ ଯେତେ ଉଜାଗର ରଖିବା ବାହାରର ବାତାବରଣ ସେତେ ହିଁ ଶୁଭ ହେବ। ନିଜ ବ୍ୟକ୍ତିତ୍ୱକୁ ଯେତେ ଦୃଢ଼ କରିବା ଅନ୍ୟମାନେ ସେଥିରେ ସେତେ ପ୍ରଭାବିତ ହେବେ। ସର୍ବଦା ମନକୁ ପବିତ୍ର କରି ରଖିବା ଉଚିତ୍।

# ଜୀବନରେ ଥରେ ଏହି ୬ ବୃକ୍ଷର ପୂଜା କରିବା ଦରକାର

## କେବେ ହେବନି ଧନର ଅଭାବ

ଭଗବାନ ଶ୍ରୀକୃଷ୍ଣ ଏମିତି ୬ଟି ବୃକ୍ଷ ବିଷୟରେ କହିଛନ୍ତି ଯାହାର ପୂଜା କରିବା ଦ୍ୱାରା ବ୍ୟକ୍ତିର ଜୀବନରୁ ଦୁଃଖ, କଷ୍ଟ, ଦାରିଦ୍ର୍ୟତା, କ୍ଳେଶ ସବୁ ଦୁର ହୋଇଯାଇଥାଏ। ଆମ ହିନ୍ଦୁ ଧର୍ମରେ ବୃକ୍ଷ ମାନଙ୍କୁ ପୂଜନୀୟ କୁହାଯାଇଛି। ଶାସ୍ତ୍ର ଅନୁସାରେ ବୃକ୍ଷର ମଧ୍ୟ ଜୀବନ ରହିଛି। ଏହି ସୃଷ୍ଟିରେ ସର୍ବ ପ୍ରଥମ ବୃକ୍ଷ ମାନଙ୍କୁ ହିଁ ସ୍ଥାନ ମିଳିଥିଲା । ଏହା ପରେ ଜୀବଜନ୍ତୁଙ୍କ ଉତ୍ପତ୍ତି ହୋଇଥିଲା। ବୃକ୍ଷମାନେ ଆମର ପ୍ରକୃତ ସାଥୀ ହୋଇଥାନ୍ତି ।

ବୃକ୍ଷ ମାନଙ୍କୁ ଶାସ୍ତ୍ରରେ ବହୁତ ମହତ୍ୱ ଦିଆଯାଇଛି। ଗଛ ଆମ ପାଇଁ ସମ୍ମାନୀୟ ଏବଂ ପୂଜନୀୟ ହୋଇଥାଏ। କିନ୍ତୁ ଏମାନଙ୍କ ମଧ୍ୟରୁ କିଛି ବୃକ୍ଷ ଏମିତି ମଧ୍ୟ ରହିଛି ଯାହା ବିଶେଷ ମହତ୍ତ୍ୱ ରଖିଥାନ୍ତି ଏବଂ ମନୁଷ୍ୟ ଭଗବାନଙ୍କ ପରି ଏହି ବୃକ୍ଷ ମାନଙ୍କୁ ମଧ୍ୟ ପୂଜା କରିଥାଏ। ଆଜି ଆମେ ଆପଣଙ୍କୁ ଏମିତି କିଛି ବୃକ୍ଷ ବିଷୟରେ କହିବାକୁ ଯାଉଛୁ। ଯାହାର ବର୍ଣ୍ଣନା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କରିଛନ୍ତି। ତେବେ ଚାଲନ୍ତୁ ଜାଣିବା ।

ତୁଳସୀ ଗଛ:- ପ୍ରତ୍ୟେକ ହିନ୍ଦୁ ଘରେ ପବିତ୍ର ତୁଳସୀ ଗଛ ଦେଖିବାକୁ ମିଳିଥାଏ। ତୁଳସୀ ଗଛକୁ ହିନ୍ଦୁ ଧର୍ମରେ ସବୁଠାରୁ ପବିତ୍ର ବୋଲି କୁହାଯାଇଥାଏ। ସେଥିପାଇଁ ତୁଳସୀ ଗଛକୁ ପ୍ରତିଦିନ ପୂଜାର୍ଚ୍ଚନା କରାଯାଇଥାଏ। ତୁଳସୀ ଗଛ ଭଗବାନ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଅଟେ। ଏହି ଗଛକୁ ଆୟୁର୍ବେଦରେ ମଧ୍ୟ ବହୁତ ଉପକାରୀ ଅଟେ ।



ଅଶୋକ ଗଛ:- ହିନ୍ଦୁ ଧର୍ମରେ ଅଶୋକ ଗଛକୁ ବହୁତ ପୂଜନୀୟ ବୋଲି କୁହାଯାଇଛି। ବେଦ, ପୁରାଣରେ ଏବଂ ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଅଶୋକ ଗଛର ଉଲ୍ଲେଖ କରିଛନ୍ତି। ଅଶୋକ ଗଛରେ ମଧ୍ୟ ବହୁତ ପ୍ରକାରର ଔଷଧୀୟ ଗୁଣ ରହିଛି। ଭାରତରେ ଅଶୋକ ଗଛକୁ ପୂଜା କରିବାର ବହୁତ ପ୍ରକାରର ନିୟମ ରହିଛି। କାରଣ ଶାସ୍ତ୍ର ଅନୁସାରେ ଅଶୋକ ଗଛରେ ୩୩କୋଟି ଭଗବାନ ବାସ କରିଥାନ୍ତି।

ବର ଗଛ:- ଏହି ଗଛକୁ ଶାସ୍ତ୍ରରେ ପବିତ୍ର ବୋଲି କୁହାଯାଇଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଜ୍ୟେଷ୍ଠ ମାସରେ ବରଗଛକୁ ପୂଜା କରାଯାଇଥାଏ। ଏହି ବ୍ରତ ବିବାହିତା ମହିଳା ମାନେ ନିଜ ସ୍ୱାମୀଙ୍କ ଲମ୍ୱା ଆୟୁଷ ପାଇଁ ରଖିଥାନ୍ତି।

ନିମ୍ବ ଗଛ:- ଏହି ଗଛରେ ମଧ୍ୟ ବହୁତ ଔଷଧୀୟ ଗୁଣ ରହିଛି। ଏହି ଗଛ ଆପେ ଆପେ ଉଠି ଥାଏ। ଏହି ଗଛ ବହୁତ ମାତ୍ରାରେ ମିଳିଥାଏ। ଏହି ଗଛର ପତ୍ର ବହୁତ ଉପକାରି ଅଟେ। ଏହା ଗ୍ରୀଷ୍ମ ଦିନରେ ହେଉଥିବ ରୋଗମାନଙ୍କ ଠାରୁ ରକ୍ଷା ପାଇବ ପାଇଁ କରାଯାଇଥାଏ ।

ଆମ୍ବ ଗଛ:- ହିନ୍ଦୁ ଧର୍ମରେ କିଛି ବି ଶୁଭ କାର୍ଯ୍ୟରେ, ପର୍ବ ପର୍ବାଣୀରେ ଘରର କବାଟରେ ଆମ୍ବ ପତ୍ରର ତୋରଣ ବାନ୍ଧିବାର ପରମ୍ପରା ରହିଛି। ଭଗବାନଙ୍କ ପାଖରେ ରଖିଥିବ କଳସରେ ମଧ୍ୟ ଆମ୍ବ ପତ୍ର ରଖାଯାଇଥାଏ। ବିବାହ, ଜନ୍ମଦିନରେ ମଧ୍ୟ ଆମ୍ବ ଗଛକୁ ପୂଜା କରିବା ଶୁଭ ବୋଲି କୁହାଯାଇଥାଏ।

ନଡ଼ିଆ ଗଛ:- ଏହି ଗଛକୁ ଶ୍ରୀଫଳ ମଧ୍ୟ କୁହାଯାଇଥାଏ। ଔଷଧୀୟ ଗୁଣରେ ଭରପୁର ଏବଂ ଧାର୍ମିକ କ୍ଷେତ୍ରରେ ମଧ୍ୟ ଉଚ୍ଚ ମାନ୍ୟତା ଦିଆଯାଇଥିବା ନଡ଼ିଆ ଗଛର କୌଣସି ଭାଗ ଅନୁପଯୋଗୀ ହୋଇନଥାଏ। ନଡ଼ିଆ ବିନା କୌଣସି ଶୁଭ କାର୍ଯ୍ୟ ହୋଇନଥାଏ। ନଡ଼ିଆ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ସର୍ବ ପ୍ରଥମେ ଲାଗିଥାଏ।

# ମାତାଙ୍କ ଆଦର୍ଶ

ସବୁକିଛି ନିଷ୍ଫଳ ସାବ୍ୟସ୍ତ ହେଲା। କୃଷ୍ଣ ନିରାଶ ହୋଇ କୁନ୍ତୀଙ୍କ ନିକଟକୁ ଗଲେ। ସବୁ କଥା ଶୁଣି କୁନ୍ତୀ ନିରୁତ୍ସାହିତ ହେଲେ ନାହିଁ। ସେ କୃଷ୍ଣଙ୍କୁ କହିଲେ, "ଯୁଧିଷ୍ଠିରଙ୍କୁ କହିବ ସେ ନିଶ୍ଚୟ ଯୁଦ୍ଧ କରୁ।



ଯୁଦ୍ଧ ଅବଶ୍ୟମ୍ଭାବୀ, ଏଣୁ ମୃତ୍ୟୁର ଚିନ୍ତା ନକରି ସେ ଅତ୍ୟାଚାରୀମାନଙ୍କୁ ଦଣ୍ଡ ଦେଉ। ଧର୍ମ ଏବଂ କର୍ତ୍ତବ୍ୟର ବେଦୀ ଉପରେ ଆତ୍ମ-ତ୍ୟାଗ କରିବାର ଦିନ ଆସି ପହଞ୍ଚିଯାଇଛି। ବିପତ୍ତି କାଳରେ ବୀର ପୁରୁଷମାନେ ଅଣ୍ଟା ଭିଡ଼ି ବିପଦର ମୁକାବିଲା କରିଥାନ୍ତି। ତା'କୁ କହିବ ଯେ ବିଦୁଲାର ପୁତ୍ର ଯେତେବେଳେ ଯୁଦ୍ଧରେ ପରାଜିତ ହୋଇ ନିଜ ମାତାଙ୍କ ନିକଟକୁ ମୁହଁ ଲୁଚାଇବାକୁ ଆସିଥିଲା, ମା' ତା'କୁ ପୁଣିଥରେ ଯୁଦ୍ଧ କରିବା ଲାଗି ପଠାଇଥିଲା। ସେ ଯୁଦ୍ଧରେ ଲଢ଼ି ବୀରଗତି ପ୍ରାପ୍ତ କରିବା ପରେ ମାତା ପରମସନ୍ତୋଷ ଲାଭ କରିଥିଲେ। ମୁଁ ମଧ୍ୟ ସେହିପ୍ରକାରେ ନିଜ ପୁତ୍ରମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଲଢ଼ି ମରୁଥିବା ଦେଖିବାକୁ ଅଧିକ ପସନ୍ଦ କରିବି। ଭୟଭୀତ ହୋଇ ସେମାନେ ବଞ୍ଚିଲେ ମୋତେ ଅଧିକ କଷ୍ଟ ହେବ"। କର୍ମଯୋଗୀ ଭଗବାନ କୃଷ୍ଣ କୁନ୍ତୀଙ୍କ ଏହି ବାଣୀକୁ ଗୀତାରେ କର୍ମଯୋଗର ଆଧାର କରିଥିଲେ। ରାଷ୍ଟ୍ରଭକ୍ତି ସବୁଠୁ ବଡ଼ ଧର୍ମ। ଏଥିପାଇଁ କିଛି ବି ବଳିଦାନ ଦିଆଯାଇପାରେ ।

ନଗରନକ୍ସା
ମହାନଗରର ନିଜ ଭାଷା



# ଭାରତୀୟ ସଂସଦ ହେଉଛି ଗଣତନ୍ତ୍ରର ପ୍ରକୃତ ମନ୍ଦିର

**ଭୁବନେଶ୍ୱର,୪।୫ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ରାଜ୍ୟସଭାର ଯୁଗ୍ମ ସଚିବ ତଥା ଲେଖକ ଡଃ ରାଘବ ପ୍ରସାଦ ଦାଶଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ଡେମୋଗ୍ରାଫିକ କନଟେଷ୍ଟସନ୍ସ ଆଣ୍ଡ୍ ଲେଜିସଲେଟିଭ୍ ପ୍ରୋସେସ୍ ଇନ୍ ଇଣ୍ଡିଆ।' ଉନ୍ମୋଚନ କରିଛନ୍ତି । ଉନ୍ମୋଚିତ ପୁସ୍ତକଟି ଗଣତନ୍ତ୍ରର ବିକାଶରେ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ସଂସଦ ହେଉଛି ଗଣତନ୍ତ୍ରର ଏକ ପ୍ରକୃତ ମନ୍ଦିର, ଯାହାର ବହୁମୁଖୀ ଭୂମିକା ରହିଛି । ଏହା କେବଳ ଆଇନ ପ୍ରଣୟନରେ ସୀମିତ ନୁହେଁ ବରଂ ଲୋକଙ୍କ ସ୍ୱରକୁ ବ୍ୟବସ୍ଥାରେ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ପ୍ରମୁଖ ମାଧମ ଭାବରେ କାର୍ଯ୍ୟ କରେ। ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଗୃହରେ ପାଦ ରଖିଲି ସେତେବେଳେ ସ୍ୱର୍ଗତ ଅଟଳଜୀଙ୍କଠାରୁ ଏହି କଥା ଶିକ୍ଷା ଲାଭ କରିଥିଲି। ସେହିପରି ପୁସ୍ତକ କେବଳ



ବର୍ତ୍ତମାନର ପିଢିକୁ ନୁହେଁ ନୂଆପିଢିକୁ ମଧ ପ୍ରେରିତ କରିଥାଏ। ପୁସ୍ତକ ଭବିଷ୍ୟତ ପିଢ଼ି ପାଇଁ ଜ୍ଞାନର ଭଣ୍ଡାର ମଧ ଅଟେ। ଭାରତର ସଂସଦୀୟ ପ୍ରକ୍ରିୟାକୁ ବୁଝିବାରେ ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଡଃ ଦାଶଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଡଃ ଦାଶଙ୍କ ଦ୍ୱାରା ଲିଖିତ ପୁସ୍ତକ, ଭାରତରେ ଗଣତାନ୍ତ୍ରିକ ପ୍ରତିଦ୍ୱନ୍ଦିତା ଏବଂ ବିଧାୟିକ ପ୍ରକ୍ରିୟା ବିଷୟରେ ଦିଗଦର୍ଶନ ପ୍ରଦାନ କରିବ।

ବାବାସାହେବ ଭାରତରତ୍ନ ଡକ୍ଟର ବି.ଆର୍ ଆମ୍ବେଦକରଙ୍କ ପାଇଁ ଭାରତୀୟ ସମ୍ବିଧାନର ପ୍ରସ୍ତୁତ ହେଲା, ଯାହା ଗଣତନ୍ତ୍ରରେ ବଡ ଉପଲବ୍ଧି। ଭାରତର ଶାସନ ବ୍ୟବସ୍ଥା ସମ୍ବିଧାନ ପ୍ରଦତ୍ତ ବ୍ୟବସ୍ଥାରେ ତିଆରି ହୋଇଛି। ଏହିଭଳି ଏକ ବିଷୟରେ ସରଳ ଓ ସାବଲୀଳ ଭାଷାରେ ଦସ୍ତାବିଜ ପ୍ରସ୍ତୁତ କରି ପୁସ୍ତକର ରୂପ ଦିଆଯାଇଛି, ଯାହା ପ୍ରଶଂସନୀୟ । ଏହି କାର୍ଯ୍ୟ ଭାରତୀୟ ସଂସଦର ବିକାଶ ଏବଂ କାର୍ଯ୍ୟକାରିତା ବିଷୟରେ ସୂଚନା ପ୍ରଦାନ କରି ପବ୍ଲିକ ପଲିସିର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଏକ ମୂଲ୍ୟବାନ ସମ୍ବଳ ଭାବରେ କାର୍ଯ୍ୟ କରିବ।

ଗଣତନ୍ତ୍ର ହେଉଛି ଏକ କ୍ରମାଗତ ବିକଶିତ ପ୍ରକ୍ରିୟା। ଏହି ପୁସ୍ତକ ସେହି ବିକାଶରେ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ଏବଂ ପ୍ରଶାସକ, ବିଧାୟକ ଏବଂ ସାର୍ବଜନୀନ ନୀତି ଚିନ୍ତକମାନଙ୍କ ପାଇଁ ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଉଭା ହେବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି। ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ : ୭ ଗିରଫ

**ଭୁବନେଶ୍ୱର,୪।୫ (ମହାଭାରତ):** ପୃଥକ ପୃଥକ ୨ଟି ମାମଲାରେ ରାଜଧାନୀରୁ ୩ ଗଞ୍ଜେଇ ବେପାରୀ ବନ୍ଧା ହୋଇଛନ୍ତି। ୨ଜଣ ବିହାରୀ ବେପାରୀଙ୍କୁ ରେଳବାଇ ପୁଲିସ ଓ ଜଣକୁ ନୂଆପଲ୍ଲୀ ଥାନା ପୁଲିସ ଗିରଫ କରିଛି। ଭୁବନେଶ୍ୱର ଷ୍ଟେସନ୍ର ୬ନମ୍ବର ପ୍ଲାଟଫର୍ମରେ ଆରପିଏଫ୍ର ଏସଟିଏଫ୍ ଓ ଅବକାରୀ ବିଭାଗ ମିଳିତଭାବେ ଚଢ଼ କରି ବିହାର ଭୋଜପୁର ଜିଲ୍ଲା ଡୋଗ୍ରା ଗାଁର ପ୍ରଭାତ କୁମାର ଶର୍ମା ଓ ନୀତୀଶ କୁମାରକୁ ଗିରଫ କରିଛି। ସେମାନଙ୍କଠାରୁ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ୪ଟି ସୁଟ୍‌କେସରେ ଥିବା ଏହି ଗଞ୍ଜେଇ ରାୟଗଡ଼ାରୁ ବିହାର ଚାଲାଣ କରାଯାଉଥିଲା। ସେହିଭଳି ନୂଆପଲ୍ଲୀ ଥାନା ପୁଲିସ ଜଟଣୀ ଥାନା ବୁଢ଼ପଡ଼ାର ବିଶ୍ୱରଂଜନ ସାହୁ(୩୪)କୁ ଗିରଫ କରିଛି। ତା'ଠାରୁ ୫କେଜି ଗଞ୍ଜେଇ ଜବତ କରାଯାଇଛି।

ସେହିଭଳି ଖୋର୍ଦ୍ଧାରୋଡ୍



ଷ୍ଟେସନରୁ ରେଳବାଇ ପୁଲିସ ୩ଜଣ ମହିଳାଙ୍କ ସମେତ ୪ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ସଚିନ୍ ସିଂ (୨୫) ଓ ସାକ୍ଷୀ (୨୨), ପୁରୀ ସାକ୍ଷୀଗୋପାଳ ଅଞ୍ଚଳର ଶାନ୍ତି ମହାରଣା (୪୧) ଓ ଜୟନ୍ତୀ ମହାରଣା (୩୮)। ୪ଜଣଙ୍କ ନିକଟରୁ ମୋଟ୍ ୫୭ କେଜି ଗଞ୍ଜେଇ ଜବତ କରାଯାଇଛି। ଉତ୍ତରପ୍ରଦେଶର ସଚିନ୍ ଓ ସାକ୍ଷୀ ସଂପର୍କରେ ଭାଇ-ଭଉଣୀ ବୋଲି ଜଣାପଡ଼ିଛି। ସେମାନେ ଗୁଣୁପୁରରୁ ଗଞ୍ଜେଇ ଆଣି ଦିଲ୍ଲୀ ଅଭିମୁଖେ ଯାଉଥିଲେ। ସେହିପରି ଶାନ୍ତି ଓ ଜୟନ୍ତୀ ମଧ ଦୁଇ ଭଉଣୀୟ ସେମାନେ ସାକ୍ଷୀଗୋପାଳରୁ ଗଞ୍ଜେଇ ନେଇ ଗୁଜରାଟ ଅଭିମୁଖେ ଯାଉଥିଲେ।

# ଖଣି ଚୋରିର ତଦନ୍ତ ସ୍ୱତନ୍ତ୍ର କମିଶନ କରୁ : କଂଗ୍ରେସ

**ଭୁବନେଶ୍ୱର,୪।୫ (ମହାଭାରତ):** ଓଡ଼ିଶା ପିସିସି ଖଣି କମିଟି ଆଜି ସୁନ୍ଦରଗଡ଼ ଗସ୍ତରେ ଏମସିଏଲ କ୍ଷେତ୍ର ଅଧୀନ ଗୋପାଳପୁର ତେଲେନଡିହି ଅଞ୍ଚଳରେ ହୋଇଥିବା ଖଣିଜ ଲୁଟର ଆକାର



ଦେଖି ଚକିତ ହୋଇ ପଡ଼ିଥିଲେ। ଏହି ଅବସରରେ ଶାହା କମିସନଙ୍କ ଭଳି ଏକ ସ୍ୱତନ୍ତ୍ର କମିସନ ଗଠନ କରି ଖଣି ଚୋରିର ତଦନ୍ତ କରାଯିବାକୁ କମିଟି ଦାବି ରଖିଛି। ସୁନ୍ଦରଗଡ଼ରେ ରାଜ୍ୟର ସବୁଠୁ ବଡ଼ ଖଣିଜ କେଲେଙ୍କାରୀ ସମ୍ବାଦ ଓ କନକନ୍ୟୁଜ ପ୍ରଥମେ ସାମ୍ନାକୁ ଆଣିବା ପରେ ହଇଚଇ ଖେଳି ଯାଇଥିଲା। ବିଭିନ୍ନ ସ୍ତରରେ ତଦନ୍ତ, ନିରୀକ୍ଷଣ ଓ ଖଣି ମନ୍ତ୍ରୀଙ୍କ ପରିଦର୍ଶନ ପରେ ମଧ୍ୟ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଏସ୍ଥିତିରେ ପ୍ରଦେଶ କଂଗ୍ରେସ ମୁଖ୍ୟ ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ଜୟପୁରର ଟାଣୁଆ । ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅଧକ୍ଷତାରେ ଗଠିତ ଖଣି କମିଟିରେ ବିଧାୟକ ଅଶୋକ ଦାସ, ବିଧାୟକ ଡ. ସିଏସ ରାଜେନ ୨ ତାରିଖ ରାତିରେ ସୁନ୍ଦରଗଡ଼ ପହଞ୍ଚି ସ୍ଥାନୀୟ ପ୍ରଦକ୍ଷଣ ଗୃହରେ ଅବସ୍ଥାନ କରିଥିଲେ। ୩ ତାରିଖ ସକାଳ ସାଢ଼େ ୮ଟାରେ କମିଟିର ଜିଲ୍ଲା ସଂଯୋଜକ ନିର୍ମଳ ନାଏକଙ୍କ ତତ୍ତ୍ୱାବଧାନରେ ଖଣି ଅଞ୍ଚଳ ପରିଦର୍ଶନରେ ଯାଇଥିଲା କମିଟି। ସୁନ୍ଦରଗଡ଼ ସଂରକ୍ଷିତ ଓ ରାଜସ୍ୱ ଜଙ୍ଗଲରୁ ବେଆଇନ ଖଣିଜ ଲୁଟ ଚାଲିଥିବାବେଳେ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ କିପରି ଜାଣି ପାରିନଥିଲା ତାକୁ ନେଇ ପ୍ରଶ୍ନ ଉଠାଇବା ସହ କଂଗ୍ରେସ ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ବିଧାନ ସଭାରେ ପ୍ରଶ୍ନ ଉଠାଇବ ବୋଲି କହିଥିଲେ ବିଧାୟକ ଡ. ଏକ୍କା। କମିଟି ସହ ଜିଲ୍ଲା କଂଗ୍ରେସର ବହୁ କର୍ମକର୍ତ୍ତା ଯାଇଥିଲେ।

ରବିବାର ସକାଳେ ରାଜଗାଙ୍ଗପୁର ଯାଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ଖଣି ଅନିୟମିତତା ଓ ବିସ୍ଥାପିତଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବ କମିଟି। ଅପରାହ୍ନ ୩ଟାରେ ଏ ପ୍ରସଙ୍ଗରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ବନଖଣ୍ଡ ଅଧିକାରୀ, ଖଣି ଉପନିର୍ଦ୍ଦେଶକ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଥିବା ସଂଯୋଜକ ନିର୍ମଳ ନାଏକ ପ୍ରକାଶ କରିଛନ୍ତି।

# ତାପମାତ୍ରା ହ୍ରାସ ପାଇଁ ସବୁଜଗୃହ ଗ୍ୟାସ ନିର୍ଗମନ କମିବା ଆବଶ୍ୟକ

**ଭୁବନେଶ୍ୱର,୪।୫ (ମହାଭାରତ):** ପୃଥିବୀରେ ସବୁଜଗୃହ ଗ୍ୟାସ (ଗ୍ରୀନହାଉସ୍ ଗ୍ୟାସ) ନିର୍ଗମନକୁ ଯଦି ଶୀଘ୍ର ହ୍ରାସ କରା ନଯାଏ ତେବେ ପୃଥିବୀର ତାପମାତ୍ରା ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଅଧିକ ୨.୭ ଡିଗ୍ରୀ ସେଲସିଅସ ବୃଦ୍ଧି ପାଇବ। ପ୍ରାପ୍ତ ସୂଚନା ଅନୁଯାୟୀ ପୃଥିବୀରେ ୧୯୯୦ ରୁ ୨୦୨୦ ମଧ୍ୟରେ ସବୁଜଗୃହ ଗ୍ୟାସ ୪୭ ପ୍ରତିଶତ ଓ ଅଙ୍ଗାରକାମ୍ଳ ଗ୍ୟାସ ୮୦ ପ୍ରତିଶତ ବୃଦ୍ଧି ପାଇଛି ବୋଲି ବିଶିଷ୍ଟ ପାଣିପାଗବିତ୍ ଓ ଗବେଷକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି। ୱାର୍ଲ୍ଡ ମେଟିଓରୋଲଜିକାଲ୍ ଅର୍ଗାନାଇଜେସନ (ଡବ୍ଲ୍ୟୁଏମ୍ଓ)ର ତଥ୍ୟକୁ ଉଦ୍ଧାର କରି ଡକ୍ଟର ସାହୁ କହିଛନ୍ତି ଯେ ଯଦିଓ ଜଳବାୟୁ ପରିବର୍ତ୍ତନ ଉପରେ ୨୦୧୫ରେ ପ୍ୟାରିସରେ ହୋଇଥିବା ବୁଝାମଣା ଅନୁଯାୟୀ ପୃଥିବୀର ବୃଦ୍ଧି ପାଉଥିବା ତାପମାତ୍ରାକୁ ୨ ଡିଗ୍ରୀ ସେଲ୍‌ସିଅସ ମଧ୍ୟରେ ସୀମାବଦ୍ଧ ରଖିବାକୁ ନିଷ୍ପତି ହୋଇଥିଲା ଏହି ତାପମାତ୍ରା ଏହାକୁ ଅତିକ୍ରମ କରିଯିବ ବୋଲି ଅନୁମାନ କରାଯାଉଛି। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିଚାଳିତ ଜଳବାୟୁ ଓ ପରିବେଶ କେନ୍ଦ୍ର (ସେଂଟର ଫର କ୍ଲାଇମେଟ ଆଣ୍ଡ ଏନ୍‌ଭାଇରନ୍‌ମେଂଟ)ର ନିର୍ଦ୍ଦେଶକ



ଭାବେ କାର୍ଯ୍ୟ କରୁଥିବା ଡକ୍ଟର ସାହୁ କହିଛନ୍ତି ଯେ ପରିବେଶରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ଶିଳ୍ପାୟନ ପୂର୍ବ ସମୟ ଠାରୁ ୧୪୯ ପ୍ରତିଶତ ବୃଦ୍ଧି ପାଇଛି ଯାହା ଉଦ୍‌ବେଗଜନକ। ଏହା ପୃଥିବୀ ଓ ଭବିଷ୍ୟତ ପୀଢ଼ି ନିମନ୍ତେ ଉତମ ନୁହେଁ ବୋଲି ସେ କହିଛନ୍ତି। ଡକ୍ଟର ସାହୁ ସିଇସି ଓ ଆମେରିକାସ୍ଥିତ ରିଭର୍ସ ଅଫ୍ ଦି ୱାର୍ଲ୍ଡର ମିଳିତ ସହଯୋଗରେ ସୋଆ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ 'ୱାଟର, ୱେଷ୍ଟ ମ୍ୟାନେଜମେଂଟ ଆଣ୍ଡ କ୍ଲାଇମେଟ ଚେ' ଶୀର୍ଷକ ଆନ୍ତର୍ଜାତିକ କର୍ମଶାଳାରେ ବକ୍ତବ୍ୟ ରଖି ଏହା କହିଥିଲେ। ପୂର୍ବରୁ ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଥିବା ଡକ୍ଟର ସାହୁ କହିଥିଲେ ଯେ ୨୦୧୫ରେ ପରିବେଶରେ ଅଙ୍ଗାରକାମ୍ଳ ଗ୍ୟାସ ୪୦୦ ପିପିଏମ୍ ଥିବା ବେଳେ ୨୦୨୦ରେ ଏହା ୪୧୩.୨ ପିପିଏମକୁ ବୃଦ୍ଧି ପାଇଥିଲା। ସେହିପରି ବାୟୁମଣ୍ଡଳରେ ମିଥେନ୍ ଓ ନାଇଟ୍ରସ ଅକ୍ସାଇଡର ମାତ୍ରା ୧୭୫୦ ମସିହା ତୁଳନାରେ ଯଥାକ୍ରମେ ୨୬୨ ପ୍ରତିଶତ ଓ ୧୨୩ ପ୍ରତିଶତ ବୃଦ୍ଧି ପାଇଛି। ସେ କହିଥିଲେ ଯେ ଡବ୍ଲ୍ୟୁଏମ୍ଓ ତଥ୍ୟ ଅନୁଯାୟୀ ପୃଥିବୀ ପ୍ରାୟ ୩ ରୁ ୫ ନିୟୁତ ବର୍ଷ ପୂର୍ବେ ଅଙ୍ଗାରକାମ୍ଳର ତୁଳନୀୟ ଏକତ୍ରୀକରଣ ଅନୁଭବ କରିଥିଲା ଯେତେବେଳେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇଥିଲା। ମାତ୍ର ସେତେବେଳେ ପୃଥିବୀର ଜନସଂଖ୍ୟା ୮୦୦ କୋଟି ନଥିଲା। ଏଥିରୁ ସବୁଜଗୃହ ଗ୍ୟାସର ନିର୍ଗମନ ପୃଥିବୀ ପ୍ରତି କେତେ ବିପଦଜନକ ତାହା ଅନୁମାନ କରାଯାଇପାରେ।

# ଟୟୋଟା ଇନୋଭା ହାଇକ୍ରସର ସ୍ୱତନ୍ତ୍ର ସଂସ୍କରଣ

**ଭୁବନେଶ୍ୱର,୪।୫ (ମହାଭାରତ):** ଦେଶ ସାରା ଏକ ଲକ୍ଷରୁ ଅଧିକ ଗ୍ରାହକଙ୍କ ଦ୍ୱାରା ବିଶ୍ୱସ୍ତ, ଇନୋଭା ହାଇକ୍ରସ ଏହାର ଅସାଧାରଣ ଗ୍ଲାମର ଏବଂ ଦକ୍ଷତା ସହିତ ପ୍ରଭାବିତ କରିଚାଲିଛି। ପ୍ରତ୍ୟେକ ଯାତ୍ରାକୁ ସ୍ୱତନ୍ତ୍ର କରିବା ପାଇଁ ପ୍ରସ୍ତୁତ, ଜେଡଏକ୍ସ(ଓ)ର ଇନୋଭା ହାଇକ୍ରସ ସ୍ୱତନ୍ତ୍ର ସଂସ୍କରଣ ମେ' ୨୦୨୫ ରୁ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ସୁପର ହ୍ୱାଇଟ ଏବଂ ପର୍ଲ ହ୍ୱାଇଟ ଆଦି ଦୁଇଟି ରଙ୍ଗରେ ସୀମିତ ପରିମାଣରେ ଉପଲବ୍ଧ ହେବ। ଏହି ଅବସରରେ ଟୟୋଟା କିର୍ଲୋସ୍କର ମୋଟରର ବ୍ୟବହୃତ କାର ବ୍ୟବସାୟର ବିକ୍ରୟ ସେବା ଉପସଭାପତି ଭାରିନ୍ଦର ୱାଧଓ୍ୱା କହିଲେ, ଇନୋଭା ହାଇକ୍ରସ ଏହାର ଏସୟୁଭିର ପରିମାଣ ଏବଂ ଏମପିଭିର ପ୍ରଶସ୍ତତା ପାଇଁ ଗ୍ରାହକଙ୍କ ପ୍ରଶଂସାକୁ ନିରନ୍ତର ଭାବରେ ବୃଦ୍ଧି କରିଛି। ଏହି ବ୍ରାଣ୍ଡ ଉପରେ ଗ୍ରାହକଙ୍କର ନିରନ୍ତର ବିଶ୍ୱାସ ରହିଛି। ଆମେ ଜେଡଏକ୍ସ(ଓ) ଇନୋଭା ହାଇକ୍ରସ ଏକ୍ସକ୍ଲୁସିଭ ଏଡିସନ ଶୁଭାରମ୍ଭ କରିଥିବାରୁ ବେଶ୍ ଆନନ୍ଦିତ। ଏହା ଆମର ଗ୍ରାହକଙ୍କ ଅଭିଳାଷକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ସ୍ୱତନ୍ତ୍ର ଯାନ ଟୟୋଟାର ସ୍ୱତନ୍ତ୍ରତା ଏବଂ ଉନ୍ନତ ଗ୍ରାହକ ଅଭିଜ୍ଞତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପରିଚୟ ସହିତ, ଆମେ ଉନ୍ନତ ମୂଲ ଏବଂ ଅତିରିକ୍ତ ସୁବିଧା ବୈଶିଷ୍ଟ୍ୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଆମେ ବହୁମୁଖୀ ଇନୋଭା ହାଇକ୍ରସର ଶକ୍ତି ଉପରେ ନିର୍ମାଣ ଜାରି ରଖିବୁ। ନଭେମ୍ବର ୨୦୨୨ରେ ଏହାର ଶୁଭାରମ୍ଭ ହେବା ପରଠାରୁ, ଇନୋଭା ହାଇକ୍ରସ ଗ୍ରାହକମାନଙ୍କ ମଧ୍ୟରେ ଏକ ପସନ୍ଦର ଯାନ ଭାବରେ ଉଭା ହୋଇଛି, ଯାହା ଟୟୋଟାର ପ୍ରସିଦ୍ଧ ଗୁଣବତା, ସ୍ଥାୟୀତ୍ୱ ଏବଂ ନିର୍ଭରଯୋଗ୍ୟତା (କ୍ୟୁଡିଆର)କୁ ପ୍ରଦର୍ଶିତ କରୁଛି। ଟୟୋଟା ନ୍ୟୁ ଗ୍ଲୋବାଲ ଆର୍କିଟେକଚର (ଟିଏନଜିଏ) ଉପରେ ନିର୍ମିତ ୫ମ ପିଢ଼ିର ସେଲଫ-ଚାର୍ଜିଂ ଷ୍ଟ୍ରଙ୍ଗ ହାଇବ୍ରିଡ ଇଲେକ୍ଟ୍ରିକ ସିଷ୍ଟମ ଦ୍ୱାରା ପରିଚାଳିତ, ଇନୋଭା ହାଇକ୍ରସ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ଅତୁଳନୀୟ ଇନ୍ଧନ ଦକ୍ଷତା ଏବଂ ଉତ୍କୃଷ୍ଟ ଡ୍ରାଇଭିଂ ଗତିଶୀଳତା ପ୍ରଦାନ କରିବା ପାଇଁ ବହୁତ ପ୍ରସିଦ୍ଧ।

# ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୪।୫ (ମହାଭାରତ):** ଖୋର୍ଦ୍ଧା ଗୀତା ଭବନ ସଭାଗୃହରେ ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସପ୍ତଦଶତମ ବାର୍ଷିକ ଉତ୍ସବ ବରିଷ୍ଠ ଆଇନ୍‌ଜୀବୀ ଓ ସାହିତ୍ୟିକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ଶିବସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏବଂ ସମ୍ପାଦିକା ଶ୍ରୀମତୀ ବିମଳା ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ ପୂର୍ଣ୍ଣବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱର ସବିଶେଷ ଅବତାରଣ କରିଥିଲେ । ସମ୍ମାନିତ ଅତିଥି ଭାବେ ଡ. ଶରତ ଚନ୍ଦ୍ର ମହାପାତ୍ର, ନାଟ୍ୟକାର ବିଜୟ କୁମାର ମହାନ୍ତି, ଗାଳ୍ପିକା ତଥା ସାହିତ୍ୟିକା ଶ୍ୱେତପଦ୍ମାସିନୀ ମହାନ୍ତି ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଗୀତିକାର ଓ କଣ୍ଠଶିଳ୍ପୀ ଶ୍ରୀ ବିଭୁ ଦାସ ଆଧ୍ୟାତ୍ମିକ ସଙ୍ଗୀତ ଗାନ କରିଥିଲେ । ଅନୁଷ୍ଠାନର ମୁଖପତ୍ର "ମହାବାହୁ" ଲୋକାର୍ପିତ ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରତିଭାଧାରୀମାନଙ୍କୁ ଅକ୍ଷୟତୃତୀୟା ଶୁଭ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀଶ୍ରୀଶ୍ରୀ ୧୦୮ଶ୍ରୀ ବିଶ୍ୱମ୍ଭର ଦାସ ମହାରାଜଙ୍କୁ ବୃନ୍ଦାବତୀ ଦାସୀ ଆଧ୍ୟାତ୍ମିକ ସମ୍ମାନ, ଦକ୍ଷିଣକେଶରୀ ଶ୍ରୀ ରାମଚନ୍ଦ୍ର କରଙ୍କୁ ଶ୍ରୀଳ ଜୟଦେବ ସମ୍ମାନ, ଶ୍ରୀ ମନୋଜ କୁମାର ଜେନାଙ୍କୁ ସଚ୍ଚିରାଉତରାୟ ଗଳ୍ପ ସମ୍ମାନ, ଶ୍ରୀ ବୈକୁଣ୍ଠନାଥ ରାଜଗୁରୁଙ୍କୁ କୁନ୍ତଳା କୁମାରୀ ଗୀତି କବିତା ସମ୍ମାନ, ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କୁ ଉମ୍ବରୁଧର ପରିଡ଼ା ଶିଶୁ ସାହିତ୍ୟ ସମ୍ମାନ, ଶ୍ରୀ ପୁରୁଷୋତ୍ତମ ମହାପାତ୍ରଙ୍କୁ କବି ବନ୍ଧୁ ପରାଶର ସମ୍ମାନ, କାମରାଜ ସାହାଣୀଙ୍କୁ ପଠାଣୀ ପଟ୍ଟନାୟକ ସମାଲୋଚନା ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

ପ୍ରଥମ ପର୍ଯ୍ୟାୟରେ ପହଲଗାମ୍‌ରେ ଆତତାୟୀଙ୍କ ଗୁଳିରେ ଶହିଦ ହେଇଥିବା ପର୍ଯ୍ୟଟକମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ଶ୍ରୀମତୀ ବିଳାସିନୀ ଦେବୀ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ନିଳାଦ୍ରୀନାଥ ଜଗଦେବଙ୍କ ତତ୍ତ୍ୱାବଧାନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବଶ୍ରୀ ଦିବ୍ୟଲୋଚନ ଭାରିମଲ୍ଲ, ପୁରୁଷୋତ୍ତମ ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ମହାରଣା, କବିତା ପଟ୍ଟନାୟକ, ଶାନ୍ତିଲତା ଦେବୀ, ବୈକୁଣ୍ଠନାଥ ରାଜଗୁରୁ, ଡ. ନଳିନୀପ୍ରଭା ଦାସ, ଅଶୋକ ରାୟସିଂହ ପ୍ରମୁଖ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୪।୫ (ମହାଭାରତ):** ଶିକ୍ଷା ଏକ ବୃତ୍ତିର ମାଧମ ନୁହେଁ, ଏହା ସାଧନା ଓ ବ୍ରତ ବୋଲି ବିଶିଷ୍ଟ ଶିକ୍ଷାବିତ ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ ମତବ୍ୟକ୍ତ କରିଛନ୍ତି । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସୀୟ ଜନସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଦାଶ ହୀରାକୁଦ ବନ୍ଧ ନିର୍ମାତା ବିଶ୍‌ଶ୍ୱେରାୟଙ୍କଠାରୁ ଆରମ୍ଭକରି ବହୁବିଖ୍ୟାତ ବ୍ୟକ୍ତିତ୍ୱଙ୍କ ଦୃଷ୍ଟାନ୍ତ ଦେଇ ଶୃଙ୍ଖଳା, ସାଧୁତା, କର୍ତ୍ତବ୍ୟ ପରାୟଣତା କିଭଳି ବ୍ୟକ୍ତିକୁ ବ୍ୟକ୍ତିତ୍ୱରେ ରୂପାନ୍ତରିତ କରେ ତାହା ସୂଚାଇଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତୀୟ ରାଜସ୍ୱ ସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପୁରାତନ ଛାତ୍ର ସୁଭାଷ ଚନ୍ଦ୍ର ଚୌଧୁରୀନିଜର ପାଠପଢା ସମୟର ଅନୁଭୂତି ଉପସ୍ଥାପନ କରି ସବୁ ପଦପଦବୀଠାରୁ ଶିକ୍ଷକ ପଦବୀ



ସମାଜର ଆଲୋକବର୍ତ୍ତିକା ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ ସହ ଜାତୀୟ ଶିକ୍ଷା ନୀତିରେ ଶିକ୍ଷାକୁ କିଭଳି ସଂପ୍ରସାରିତ କରାଯାଇଛି ତାହା ବୁଝାଇ କହିଥିଲେ। ପ୍ରତିଷ୍ଠାନର ଡିନ ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର ପରିଷଦର ଉପଦେଷ୍ଟାଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ବାର୍ଷିକ ବିବରଣୀ ଉପସ୍ଥାପନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍‌ୱାରା ସମ୍ବଲପୁରୀ, ରାଜସ୍ଥାନୀ, କାଶ୍ମିରୀ ନୃତ୍ୟ ସହ ବିବିଧ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସରସ୍ୱତୀ ଶିଶୁ ମନ୍ଦିରର ଶତ ପ୍ରତିଶତ ସଫଳତା

**ଭୁବନେଶ୍ୱର,୪।୫ (ମହାଭାରତ):** ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ନୀଳାଦ୍ରି ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୂର୍ବବର୍ଷ ପରି ଚଳିତ ବର୍ଷ ମଧ ଶତ ପ୍ରତିଶତ



ସଫଳତା ହାସଲ କରିଛି। ଏଥର ୨୨୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତେ କୃତକାର୍ଯ୍ୟ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ରେ ୧୫ ଜଣ ରହିଥିଲାବେଳେ ୧୬୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତ୍ୟୁଷା ପ୍ରୟଦର୍ଶନୀ ସାହୁ ୫୭୫ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଶ୍ରୀପର୍ଣ୍ଣା ରାଉତରାୟ, ସୂର୍ଯ୍ୟକାନ୍ତ ମହାପାତ୍ର ୫୬୫ ନମ୍ବର ରଖି ଯୁଗ୍ମ ଭାବରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲାବେଳେ ଶ୍ରୀୟା ସାଲିନ ପ୍ରିୟଦର୍ଶନୀ ଭୋଇ ୫୬୨ ନମ୍ବର ରଖି ତୃତୀୟ ହୋଇଛନ୍ତି। ଆଜି ବିଦ୍ୟାଳୟ ପରିସରରେ ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ଉପସଭାପତି ପଙ୍କଜ କୁମାର କର ଯୋଗଦେଇ ସମସ୍ତ ଛାତ୍ରଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ପରିଶ୍ରମ କଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ। ଏହି ଅବସରରେ ଚଳିତ ବର୍ଷ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିମିଟିର କୋଷାଧକ୍ଷ ଅନ କୁମାର ତାହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ଥର ପରଦାରେ ଏକାଠି ହ୍ରିଥିକ ଓ ରାକେଶ ରୋଶନ

**ଭୁବନେଶ୍ୱର,୪।୫ (ମହାଭାରତ):** ଏକ୍ସନମୋବିଲ ଲୁବ୍ରିକାଂଟ ପ୍ରାଃ. ଲି., ଭାରତରେ ଏକ୍ସନ ମୋବିଲ ଭାବରେ ଆଦୃତ, ଯାହାକି ମୋବିଲ ୧ଟିଏମ ବ୍ରାଣ୍ଡ ଲୁବ୍ରିକାଂଟକୁ ମାର୍କେଟ କରୁଛି, ଆଜି ଏହାର ନୂତନ ବ୍ୟବସାୟୀକ ଅଂଶ ଭାବରେ ଚାଲୁଥିବା 'ଅବିସ୍ମରଣୀୟ ଯାତ୍ରା' ଅଭିଯାନ ଘୋଷଣାର ଶୁଭାରମ୍ଭ କରିଛି ଅଧୁନତମ କିସ୍ତି ମୋବିଲ ୧ଟିଏମ ଉପରେ ଅଧିକ ଦୃଷ୍ଟି ନିକ୍ଷେପ କରି, ଯାହାକି ବିଶ୍ୱର ଅଗ୍ରଣୀ ସିନ୍ଥେଟିକ୍ ଇଞ୍ଜିନ ଅଏଲ ବ୍ରାଣ୍ଡ ଅଟେ। ବଲିଉଡ଼ର ଆଇକନ କଳାକାର ହ୍ରିଥିକ ରୋଶନ ଅଭିନୟ ଯାଦୁକରୀକୁ ନେଇ, ଏହି ବ୍ୟବସାୟ ହ୍ରିଥିକ ଚାଳନାର ମଧ୍ୟରେ ଥିବା ଶକ୍ତିଶାଳୀ କ୍ଷମତାକୁ ପ୍ରଦର୍ଶିତ କରିବା ସହିତ ଭାରତ ଯେଉଁଠାରେକି ସ୍ୱପ୍ନରେ ଅଦ୍ଭୁତ ଏବଂ ସଫଳତା ଲାଭ କରୁଥିବା ଦାତାମାନେ ଅଭିଳାଷକୁ ପାଥେୟ କରିଛନ୍ତି ଏବଂ ଦେଶ ଭାବରେ ପରିଚ୍ଚିତ ଏସବୁ ସହିତ ମୋବିଲ ୧ଟିଏମ ର ଦକ୍ଷତାକୁ ଏକାଠି କରି ମିଳିତ ଭାବରେ ଆବେଗ ଏବଂ ଅବିରତ ଦକ୍ଷତା ପ୍ରତିପାଦନ କରିଚାଲିଛି। ଏହି ଅଧୁନତମ ଅତ୍ୟାଧୁନିକ ବ୍ୟବସାୟୀକ ମିଳିତ ଭାବରେ ବଲିଉଡ଼ ଆଇକନ ହ୍ରିଥିକ ରୋଶନ ଏବଂ ତାଙ୍କ ଖ୍ୟାତନାମା ପିତା ଭାରତୀୟ ଚ଼ଳଚ୍ଚିତ୍ରର ନିର୍ମାତା ଏବଂ ନିର୍ଦ୍ଦେଶକ ରାକେଶ ରୋଶନଙ୍କୁ ପରଦା ଉପରେ ମିଳିତ ଭାବରେ ପ୍ରଥମ ଥର ପାଇଁ ଆଣିପାରିଛି। 'କହୋନା ପ୍ୟାର ହେ'ର ଅଦ୍ଭୁତପୂର୍ବ ସଫଳ ଡ଼େବୁଟ ପରେ ହ୍ରିଥିକ ରୋଶନ ଚ଼ଳଚ୍ଚିତ୍ର ଶିଳ୍ପରେ ନିଜର ଦୀର୍ଘ ୨୫ ବର୍ଷର ଯାତ୍ରାକୁ ଅତିକ୍ରମ କରିବା ସହିତ ଏହି ଅଭିଯାନ ପାଳନକୁ ଉନ୍ମୋଚ୍ଚିତ କରିଛନ୍ତି। ତାଙ୍କର ଜୟଯାତ୍ରା ଭାରତକୁ ଏକ ଦେଶର ଦର୍ପଣ ଭାବରେ ପ୍ରତୀୟମାନ କରାଇବା ସହିତ ଭାରତ ଯେଉଁଠାରେକି ସ୍ୱପ୍ନରେ ଅଦ୍ଭୁତ ଏବଂ ସଫଳତା ଲାଭ କରୁଥିବା ଦାତାମାନେ ଅଭିଳାଷକୁ ପାଥେୟ କରି ଦକ୍ଷତା ପ୍ରତିପାଦନ କରିଛନ୍ତି। ଏହା ଦେଶର ଆତ୍ମାକୁ ନିରବଚ୍ଛିନ୍ନ ଭାବରେ ଆଗେଇ ନେବା ସହିତ ଆସନ୍ତା ଭବିଷ୍ୟତର ପିଢ଼ି ଏଭଳି ଏକ ଦୁଃସାହସିକ ଉତ୍କୃଷ୍ଟତା ପାଇଁ ଚ଼ିନ୍ତା କରିବାର ତଥା ଏହାକୁ ନେଇ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଦକ୍ଷତା ପ୍ରତିପାଦନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ।

# ଫିଟ୍‌ଜି ନିଜ ସ୍ଥିତିକୁ ଫେରିବ

**ଭୁବନେଶ୍ୱର,୪।୫ (ମହାଭାରତ):** ଫିଟ୍‌ଜି ଲିମିଟେଡର ଅଧ୍ୟକ୍ଷ ଶ୍ରୀ ଡି.କେ.ଗୋଏଲ ଏହି ପ୍ରତିଷ୍ଠାନରେ ନାମ ଲେଖାଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଫିଟ୍‌ଜି ଆଗାମୀ ମାସଗୁଡ଼ିକରେ ତାହାର ପୂର୍ବ ସ୍ଥିତିକୁ ଫେରିବ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଦ୍ୱାରା କରାଯାଇଥିବା ସମସ୍ତ ଅଭିଯୋଗକୁ ସେ ଦୃଢ ଭାବରେ ଖଣ୍ଡନ କରିଛନ୍ତି।

ସେ ପୁନଶ୍ଚ ସ୍ପଷ୍ଟ କରିଦେଇ କହିଛନ୍ତି ଯେ ଫିଟ୍‌ଜି ବନ୍ଦ ହେଉନାହିଁ ଏବଂ ସାମୟିକ ଭାବରେ ବନ୍ଦ ହୋଇଥିବା ସମସ୍ତ ସେଣ୍ଟର ଆଗାମୀ ମାସରେ ପୁନଶ୍ଚ କାର୍ଯ୍ୟକ୍ଷମ ହେବ। ଅନ୍‌ଲାଇନ କ୍ଲାସଗୁଡ଼ିକ ସ୍ୱାଭାବିକ ଭାବରେ ଜାରି ରହିଛି ଏବଂ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କର ଏହିସବୁ ସେସନ୍‌ଗୁଡ଼ିକରେ ଯୋଗଦେବାର ଅଧିକାର ରହିଛି। ଶ୍ରୀ ଗୋଏଲ କହିଛନ୍ତି ଯେ, କିଛି ଖଳ ପ୍ରକୃତିର ଅଂଶୀଦାର ଏବଂ ଷ୍ଟାଫ ସଦସ୍ୟଙ୍କ ଦ୍ୱାରା ଆର୍ଥିକ ସମସ୍ୟା ସୃଷ୍ଟି କରାଯାଇଥିଲା ଏବଂ ତାହା ଫିଟ୍‌ଜି ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇନାହିଁ। ସେ ଜୋର ଦେଇ କହିଛନ୍ତି ଯେ କ୍ଲାସଗୁଡ଼ିକରେ ବ୍ୟାଘାତ ସୃଷ୍ଟି କରିବାକୁ ଇଚ୍ଛାକୃତ ଭାବରେ କୌଣସି ଉଦ୍ୟମ କରାଯାଇନାହିଁ।

ସେ କହିଛନ୍ତି ଯେ, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ (ଉତ୍ତର ପୂର୍ବ, ଦ୍ୱାରକା ଓ ଦକ୍ଷିଣ), ହାଇଦରାବାଦ (ଦିଲଖୁସନଗର, କୁକଟପାଲ୍ଲି ଏବଂ ସଇଫାବାଦ), କୋଚି, କଲକାତା (ଉତ୍ତର ଓ ଦକ୍ଷିଣ) ଏବଂ ବିଜୟୱାଡା ସେଣ୍ଟରଗୁଡ଼ିକରେ କ୍ଲାସରୁମ୍ ପାଠ୍ୟକ୍ରମ ଏବେ ମଧ୍ୟ ଚାଲିଛି।

# ବାୟୁରେ ଅଙ୍ଗାରକାମ୍ଳ

ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ୟାରିସ ଚୁକ୍ତିରୁ ଆମେରିକା ଓହରିଯାଉଥିବା ଘୋଷଣା କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ସେ ଏହା କହିଥିଲେ। ତାଙ୍କ ଅଭିଯୋଗ ହେଲା ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସୁରକ୍ଷା ପାଇଁ ଆମେରିକା ସବୁ ଦାୟିତ୍ୱ ନିଜ ମୁଣ୍ଡକୁ ନେଇପାରିବ ନାହିଁ କିମ୍ବା ଆମେରିକା ଏକୋ ସବୁ ପ୍ରକାର ତ୍ୟାଗ ସ୍ୱୀକାର କରିପାରିବ ନାହିଁ। ପ୍ୟାରିସ ଚୁକ୍ତି ଆମେରିକାର ସ୍ୱାର୍ଥ ବିରୋଧୀ ଏବଂ ଏହା ଦ୍ୱାରା ଆମେରିକାର ସ୍ୱାର୍ଥ ହାନି ହେଉଛି ବୋଲି ସ ଯୁକ୍ତି କରୁଛନ୍ତି। ଏହା ତାଙ୍କର ସଂକୀର୍ଣ୍ଣ ମାନସିକତାକୁ ପ୍ରମାଣିତ କରୁଛି। ପ୍ୟାରିସ ଚୁକ୍ତିରୁ ଆମେରିକା ଓହରିଯିବା ଅତ୍ୟନ୍ତ ନୈରାଶ୍ୟଜନକ। ଆମେରିକା ବିଶ୍ୱର ସର୍ବଶ୍ରେଷ୍ଠ ଏବଂ ସବୁଠାରୁ ଶକ୍ତିଶାଳି ଦୋଇ ଯଦି ଏପରି ମାନସିକତା ରକିବ, ତେବେ ଛୋଟ ଦେଶକୁ କିପରି ଦୋଷ ଦିଆଯାଇପାରିବ ? ଏ କ୍ଷେତ୍ରରେ ଭାରତ ତାର କର୍ତ୍ତବ୍ୟ ପାଳନ କରୁଛି। ୨୦୭୦ ସୁଦ୍ଧା ଭାରତ ଜିରୋ କାର୍ବନ ଏମିଶନ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଥିଲାଗି ଫସିଲ ଫୁଏଲର ବ୍ୟବହାରକୁ କମାଇବା ଏବଂ ଅଧିକରୁ ଅଧିକ ଗ୍ରୀନ ଏନର୍ଜୀ ବ୍ୟବହାର କରିବା ଉପରେ ଭାରତ ସରକାର ଗୁରୁତ୍ୱାରୋପକ କରୁଛନ୍ତି। ଏଥିପାଇଁ ଏବେ ଭାରତରେ ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି ଏବଂ ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ବଜେଟରେ ଏଥିପାଇଁ ଇଭି ଉପରେ ଟିକସ ହ୍ରାସ କରାଯାଇଛି। ଏହା ସ୍ୱାଗତଯୋଗ୍ୟ, କିନ୍ତୁ ପର୍ଯ୍ୟାପ୍ତ ନୁହେଁ। ଏଥିପାଇଁ ଆହୁରି ଅନେକ ପଦକ୍ଷେପର ଆବଶ୍ୟକତା ରହିଛି। ଏଥିପାଇଁ ବ୍ୟାପକ ବୃକ୍ଷରୋପଣ ଏବଂ ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ କମ ଗୁରୁତ୍ୱ ଦିଆଯିହା ଉଚିତ। ଏହା ଉପରେ ଏବେ ସାରା ବିଶ୍ୱରେ ଅନେକ ଚର୍ଚ୍ଚା, ବିତର୍କ ଏବଂ ଗବେଷଣା ମଧ୍ୟ ଚାଲିଛି। ଜଳବାୟୁରେ ଅସ୍ୱାଭାବିକତା ଯୋଗୁ ଋତୁ ପରିବର୍ତ୍ତନଠାରୁ ଆରମ୍ଭ କରି ଅନେକ କିଛି ପ୍ରଭାବିତ ହେଉଛି। ଅନେକ ସମୟରେ ଅଦିନିଆ ବର୍ଷା, ବାତ୍ୟା, ତାପମାତ୍ରା ବୃଦ୍ଧି ଦେଖିବାକୁ ମିଳୁଛି। ମରୁଭୂମିରେ ବନ୍ୟା ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ଯେଉଁଠି ବରଫ ଜମି ରହିଥିଲା ତାହା ତରଳିବା ଦେଖାଯାଉଛି। ଯେଉଁଠି ଦିନର ସର୍ବାଧିକ ତାପମାତ୍ରା ୩୫/୩୬ ଡିଗ୍ରୀରୁ ଅଧିକ ହୁଏନି, ସେଠାରେ ଏବେ ତାପମାତ୍ରା ୪୨ରୁ ୪୫ ଡିଗ୍ରୀ ରେକର୍ଡ କରାଯାଉଛି। ବର୍ଷ ତମାମ ବିଶ୍ୱବ୍ୟାପି ଅନେକ ସ୍ଥାନରେ ବଡ଼ ବାତ୍ୟା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ପବନର ବେଗ ୨୦୦ କିମିରୁ ଅଧିକ ରହୁଛି। ଏସବୁକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଇପାରେ। ପରିବେଶ ପ୍ରଦୂଷଣ ଯୋଗୁ ତାପମାତ୍ରା ବୃଦ୍ଧି, ଅବିଚାରିତ ଭାବେ ଜଙ୍ଗଲ ଧ୍ୱଂସ ଏହାର ପ୍ରମୁଖ କାରଣ। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ କଙ୍କ୍ରିଟ ଜଙ୍ଗଲ, ଗାଡ଼ି ମୋଟରର ସଂଖ୍ୟା ବୃଦ୍ଧି ପାଉଛି। ଏହା ଫଳରେ ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଉଛି। ଏହା ଫଳରେ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଦୁବାଇରେ ବନ୍ୟା, ନ୍ୟୁୟର୍କ ଜଳମଗ୍ନ ହେବା ଆମକୁ ଭବିଷ୍ୟତ ପାଇଁ ସତର୍କ ଘଣ୍ଟି ବୋଲି କହିଲେ ଭୁଲ ହେବ ନାହିଁ। ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁ ବିଶ୍ୱର ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ଜମାଟ ବାନ୍ଧିଥିବା ବରଫ ତରଳୁଛି। ଫଳରେ ସମୁଦ୍ରର ଜଳସ୍ତର ବଢୁଛି। ଏହା ଯଦି ଜାରି ରହେ ତେବେ ଆଗାମୀ ୧୦୦ ବର୍ଷ ଭିରେ ସମୁଦ୍ରକୂଳରେଥିବା ଶହେରୁ ଅଧିକ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ। ଏହା ମଧ୍ୟରେ ନ୍ୟୁୟର୍କ, ମୁମ୍ବାଇ ଓ ସାଂଘାଇ ଭଳି ମହାନଗରୀ ରହିଛି। ଏହାଠାରୁ ବଳି ବଡ଼ ବିପତ୍ତି ଆଉ କ'ଣ ଥାଇପାରେ ? ଏଥର ଓଡ଼ିଶାରେ ଜାନୁଆରୀ ମାସରେ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି। ଶୀତ ଋତୁ ବିଳମ୍ବରେ ଆସିଲା। ଡିସେମ୍ବର ଅଧା ପର୍ଯ୍ୟନ୍ତ ସେଭଳି ଶୀତ ଅନୁଭୂତ ହେଲା ନାହିଁ। କିଛି ଦିନ ପରେ ଶୀତ ଟିକେ ଲାଗିଲା। କିନ୍ତୁ ତାହା କ୍ଷଣସ୍ଥାୟୀ ବା ଅତି ଅଳ୍ପ ଦିନ ଅନୁଭୂତ ହେଲା।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଛର

॥ ସୌମେନ୍ଦ୍ର ଜେନା ॥

> “ ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି ।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା'ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା'ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା'ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା'ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ଥ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା'ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତ୍ତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା'ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା'ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା'ନ୍ତି କେତେ ରୋଜଗାର କଲେ ମଧ । କି'ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା'ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା'ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି'ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା'ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା'ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା'ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା'ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା'ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା'ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା'ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା'ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା'ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।

ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରେନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା ‘ନିଟ୍’ ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୂନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲା॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, ‘ବହୁଜନ ହିତାୟ ବହୁଜନ ସୁଖାୟ’କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି ‘ସତ୍ୟଂ ବଦ, ଧର୍ମଂ ଚର।’ ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଗୁଣ୍ଡିଚା ମନ୍ଦିରରେ ପଡିଲା ରତ୍ନମୁଦ

ଗୁଣପୁର, (ମହାଭାରତ) : ସ୍ଥାନୀୟ ନବ ନିର୍ମିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବର ଆଜି ଚତୁର୍ଥ ଦିନରେ ମନ୍ଦିର ର ରତ୍ନମୁଦ ପ୍ରତିଷ୍ଠା ହୋଇଛି । ଏହି ଅବସରରେ ପାର୍ଶ୍ୱ ଦେବତା ମାନଙ୍କ ମହାସ୍ନାନ ସହ ନ୍ୟାସ ଓ ପ୍ରାଣ ପ୍ରତିଷ୍ଠା ସରିଛି । ମନ୍ଦିର ପ୍ରଶାଦ ର ଅଧିବାସ ଏବଂ ପ୍ରତିଷ୍ଠା କାର୍ଯ୍ୟ ସରିଛି । ଏହି ଅବସରରେ ମୁଖ୍ୟ କର୍ତା ଭାବେ ନିରଞ୍ଜନ ପାଢି, କାବେରୀ ପାଢି, ଓ ସହଯୋଗି କର୍ତା ଭାବେ ଡଃ ଜଗଦୀଶ ପଣ୍ଡା, ପ୍ରଫୁଲ ମିଶ୍ର, ରମେଶ ପାତ୍ର, ଡଃ ସୂର୍ଯ୍ୟ ନାରାୟଣ ପଣ୍ଡା ଦମ୍ପତିଙ୍କ ଦ୍ୱାରା ପଂଚ କୁଣ୍ଡିଅ ମହାଜଜ୍ଞ ଅନୁଷ୍ଠିତ ହୋଇଥିଲା । ବିଷମକଟକ ଝିଗିଡିର ରୁ ଆସିଥିବା ସଂକୀର୍ତନ ମଣ୍ଡଳୀ ସହ ଶଂଖ, ଘଂଟ, ହୁଳହୁଳି ସଦ୍ଦ ରେ ପ୍ରକମ୍ପିତ ହୋଇଥିଲା ମନ୍ଦିର ବେଢା । ଏଥିପାଇଁ ଆଜି ସକାଳ ଠାରୁ ପୂଜାର୍ଚ୍ଚନା ଚାଲିଥିବା ବେଳେ ମନ୍ଦିରରେ ଭକ୍ତଙ୍କ ଭିଡ ମଧ୍ୟ ଦେଖିବାକୁ ମିଳିଥିଲା । ଆଜି ର ମୁଖ୍ୟ ଆକର୍ଷଣ ଭାବେ ଚିନ୍ମୟ ମିସନର ସ୍ୱାମୀ ନିଗମାନନ୍ଦ ମହାରାଜ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମନ୍ଦିର ର ମହାରଣା ସୂର୍ଯ୍ୟ ମହାପାତ୍ର ଓ କେଦାର ମହାପାତ୍ର ଙ୍କ ଦ୍ୱାରା ଏହି ରତ୍ନମୁଦ ପଡିଥିବା ବେଳେ ଆଜିର ପ୍ରତିଷ୍ଠା ପୂଜା ଦାୟିତ୍ୱରେ ବ୍ରହ୍ମା ଗୁପ୍ତେଶ୍ୱର ରଥସର୍ମାଙ୍କ ସମେତ ନବିନ ରଥ, ପ୍ରକାଶ ରଥ, କାଶୀ ମିଶ୍ର, ଗଣେଶ ସଡଙ୍ଗି, ଲୋକନାଥ ସଡଙ୍ଗି, ପୁର୍ଣ୍ଣ ଚନ୍ଦ୍ର ଶେଖର ସର୍ମା, ଇପିଲି କ୍ରିଷ୍ଣ ମୂର୍ତି ସର୍ମା, କୃଷ୍ଣ ମିଶ୍ର, ରଘୁନାଥ ମିଶ୍ର ପ୍ରମୁଖ ରହିଥିଲେ । ଏହି କାର୍ଯ୍ୟକ୍ରମରେ ଆଜି ପୌରାଧକ୍ଷ ମମତା ଗୌଡ, ଉପାଧକ୍ଷ ଶିବ ପ୍ରଶାଦ ଗୌଡ, ଆର ପାପାରାଓ, ସୁବୁଦ୍ଧି ଅନିଲ, ଶ୍ରୀନିବାସ ଖାଡାଙ୍ଗା, ବବଲୁ ଦାସ, ଗଜା ପାଲ, ସଲିଳ ଶେନାପତି, ଚିନ୍ନାରି ଶ୍ରୀନିବାସ ରାଓ, ଟି ନରେସ, ଟୁକୁନା ରଥ, ମଣି ସାଗର, ନିଳମାଧବ ପାଢି, ସୂର୍ଯ୍ୟ ନାୟକ, ସୋନ୍ତଷ ରଥ, ସହଦେବ ରଥ, ଗଦା ପଣ୍ଡା, ସଦା ପଣ୍ଡା ପ୍ରମୁଖ ମନ୍ଦିର ଦଧିନଉତି ଉପରକୁ ଯାଇ ନବଧାନ୍ୟ ସହ ସୁନା ରୁପା ଟଙ୍କା ଇତ୍ୟାଦି ଢାଳିଥିଲେ । ଆସନ୍ତା କାଲି ଶେଷ ଦିନରେ ଦେବତା ପ୍ରବେଶ ସହ ନିଳଚକ୍ର ସ୍ଥାପନ, ଚାରି ପ୍ରହର ନାମଜଜ୍ଞ ଓ ପୁର୍ଣାହୁତି କାର୍ଯ୍ୟକ୍ରମ ରହିଛି ।

## ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କୁ ବହିସ୍କୃତ ପୋଲିସ କର୍ମୀଙ୍କ ଦୁଃବ୍ୟବହାର

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଅଂଚଳରେ ଏକ ବିବାହ ଭୋଜି ରେ ଜଣେ ବହିସ୍କୃତ ହୋଇଥିବା ପୋଲିସ କର୍ମୀ ଚିତ୍ରସେନ ପ୍ରଧାନ ଙ୍କ ନିଶାଶକ୍ତ ହିସାବରେ କରିଥିବା ଉନ୍ମୁକ୍ତ କାଣ୍ଡ ପାଇଁ ଗତକାଲି ହୋଇଥିବା ପ୍ରେସ ଫ୍ରିଡମ ଦିବସ ରେ ଘୋର ନିନ୍ଦା କରାଯାଇଛି । ସୂଚନା ମୁତାବକ ଗତମାସ ୨୭ ତାରିଖି ରେ ଏକ ବିବାହ ଭୋଜି ରେ ଅସ୍ତରଙ୍ଗ ଅଂଚଳର ଯୁବ ବିଜେପି ନେତା ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଂଚ ରାମଚନ୍ଦ୍ର କାଣ୍ଡି ଓ ବରିଷ୍ଠ ସାମ୍ବାଦିକ ବିପିନ ଦାସ ଯାଇଥିବା ବେଳେ ଅସ୍ତରଙ୍ଗ ଅ*ଳ ର ଜଣେ ଯୁବକ ଚିତ୍ରସେନ ପ୍ରଧାନ ଜଣେ ବହିସ୍କୃତ ପୋଲିସ କର୍ମୀ ନିଶାସକ୍ତ ଭାବେ ସେହି ସ୍ଥାନରେ ଅଭାବନୀୟ ଘଟଣା ଘଟାଇଥିଲେ । ସରପଂଚ ରାମଚନ୍ଦ୍ର କାଣ୍ଡିଙ୍କୁ ଜାତିଆଣ ମନ୍ତବ୍ୟ ରେ ଗାଳିଗୁଲଜ କରିବା ସହିତ ଏହାକୁ ବିରୋଧ କରିଥିବା ଉପସ୍ଥିତ ବରିଷ୍ଠ ସାମ୍ବାଦିକ ବିପିନ ଦାସଙ୍କୁ ଅସଭ୍ୟ ଭାଷା ରେ ଗାଳିଗୁଲଜ କରିବା ସହିତ ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ କୁ ବହୁ ଅସାମାଜିକ ଭାଷା ରେ ଗାଳିମନ୍ଦ କରିଥିଲେ । ସେହି ଘଟଣା ଉପରେ ଅସ୍ତରଙ୍ଗ ସରପ* ଅସ୍ତରଙ୍ଗ ଥାନା ରେ ଏକ ଏତଲା ମଧ୍ୟ କରିଥିଲେ । ଏତଲା ଦିଆଯିବା ର ବହୁ ସମୟ ବିତିଗଲେ ବି ପୋଲିସ ର କାର୍ଯ୍ୟାନୁଷ୍ଠାନ କିଛି ହୋଇନଥିବାରୁ ବିଜେପି କର୍ମୀ ଅସ୍ତରଙ୍ଗ ଆଇଆଇସିଙ୍କ ଚ୍ୟାମ୍ବର ରେ ଧାରଣା ରେ ବସି ରହିଥିଲେ ଯେଉଁ ଫୋଟୋ ସାମାଜିକ ଗଣମାଧ୍ୟମ ରେ ପ୍ରଚାର ହୋଇଥିଲା, ଏହି ଘଟଣା ଉପରେ ଅସ୍ତରଙ୍ଗ ପୋଲିସ ୮୪/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁ ଧରିବାକୁ ପ୍ରୟାସ କରିଥିଲେ ବି ଅସ୍ତରଙ୍ଗ ଅଂଚଳର ଜଣେ ବିଜେଡି ନେତା ଦୀର୍ଘ ସମୟ ଧରି ଏହି ଘଟଣାକୁ ଚାପିଦେବା ପାଇଁ ଆଇଆଇସି ଙ୍କ ଚ୍ୟାମ୍ବରରେ ବସି ରହିଲେ ବୋଲି କିଛି ବୁଦ୍ଧିଜୀବୀ ଅଭିଯୋଗ ଉଠାଇଥିଲେ । କେବଳ ସେତିକି ନୁହେଁ ଏହି ଥାନା ରେ ସାମ୍ବାଦିକ ଙ୍କୁ ଅଧିକାରୀ ବସିବା ପାଇଁ ଚୌକି ଆଜି ପର୍ଯ୍ୟନ୍ତ ଯାଚିନଥିବା ବେଳେ ଜଣେ ବିଜେଡି ନେତାଙ୍କୁ ଅନେକ ସମୟ ଚ୍ୟାମ୍ବର କୁ ଡାକି ଚୌକି ଦେଇ ଚା ପାନୀୟ ଜଳ ର ବ୍ୟବସ୍ଥା କରିଛନ୍ତି ଯାହାର ପ୍ରମାଣ ବିଗଦ ଦିନର ଆଇଆଇସି ଙ୍କ ଚ୍ୟାମ୍ବର ସିସିଟିଭି ଫୁଟେଜ କହିବ, ତତପରେ ଜଣାପଡିଛି ଉକ୍ତ ଅଭିଯୁକ୍ତ ଙ୍କୁ ପୋଲିସ ତରଫରୁ ୪୧ ନୋଟିସ ରେ ଜାମିନ ଦିଆଯାଇଛି, କିନ୍ତୁ ଏହି ଘଟଣା ଉପରେ ଗତକାଲି ଭୁବନେଶ୍ୱର ରେ ସାମ୍ବାଦିକ ଆସୋସିଏସନରେ ଆଲୋଚନା କରାଯାଇଥିଲା ଆଉ ସେଠି ଏହି ଘଟଣା କୁ ଦୃଢ ନିନ୍ଦା ମଧ୍ୟ କରାଯାଇଛି । ଅନେକ ଥର ସାମ୍ବାଦିକଙ୍କୁ ଆକ୍ରୋଶ ମନୋଭାବରେ ଗାଳିଗୁଲଜ କରିବା, ନିର୍ଭିକ ସମ୍ବାଦ ପରିବେଷଣ ପାଇଁ ଭୟ କରାଇବା, ଆଉ ଅନେକ ସମୟ ରେ ମିଥ୍ୟା ମାମଲା ନଦିବା, ଆଉ ମାନସିକ ଚାପ ପ୍ରୟୋଗ କରିବା ଦୃଷ୍ଟାନ୍ତ ଅସ୍ତରଙ୍ଗ ଥାନା ଅଧୀନରେ ଦେଖିବାକୁ ମିଳିଛି ମାତ୍ର ଏଥିପ୍ରତି ପ୍ରଶାସନ କେବେ ସଚେତନ ହୋଇନାହିଁ । ଏ ନେଇ ଭୁବନେଶ୍ୱର ରେ ଆୟୋଜିତ ବିଶ୍ୱ ସାମ୍ବାଦିକ ଫ୍ରିଡମ ଦିବସ ରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ସାମ୍ବାଦିକଙ୍କ ପ୍ରତି ପୂର୍ବ ସରକାରଙ୍କ ସମୟ ରେ ହେଉଥିବା ଅତ୍ୟାଚାର ଏହି ସରକାର ରେ ନାହିଁ ଆଉ ସାମ୍ବାଦିକ ଙ୍କ କ୍ଷମତା କୁ ଅଙ୍କୁଶ ଲଗେଇବାକୁ ଚେଷ୍ଟା କରୁଥିବା ପ୍ରଶାସନିକ ଅଧିକାରୀ କେଉଁ କ୍ଷମତା ରେ ଏହିପରି କାର୍ଯ୍ୟ କରୁଛନ୍ତି ସେ ଆଗ ପ୍ରଶ୍ନ ର ଉତର ରଖନ୍ତୁ । ଆଗକୁ ମୁଖ୍ୟମନ୍ତ୍ରୀ ସାମ୍ବାଦିକ ଙ୍କ ସୁରକ୍ଷା ପାଇଁ ଆଣିବାକୁ ଯାଉଛନ୍ତି ନୂତନ ବ୍ୟବସ୍ଥା, ଡବଲ ଇଞ୍ଜିନ ସରକାର ରେ ସାମ୍ବାଦିକଙ୍କ ଲେଖା କେବଳ ପରିବର୍ତନ ଓ ସମାଧାନ ର ସୂତ୍ର, ଯାହା ପାଇଁ ଏହି ସରକାର ସଦା ସର୍ବଦା ଉତରଦାୟୀ, କିନ୍ତୁ ଅସ୍ତରଙ୍ଗ ରେ ବରିଷ୍ଠ ସାମ୍ବାଦିକଙ୍କ ଦୁଃବ୍ୟବହାର ଘଟଣା କୁ ଗତକାଲି ୱାର୍ଲଡ ପ୍ରେସ ଫ୍ରିଡମ ଦିବସରେ ବିଭିନ୍ନ ସାମ୍ବାଦିକ ମହଲ ରେ ନିନ୍ଦା କରାଯାଇଛି ।

## ବ୍ରାହ୍ମଣଝରିଲୋ ନୋଡାଲ ଉଚ୍ଚ ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ଶୁଭମ୍ ଜ୍ୟୋତି

କଂଟାପଡ଼ା (ମହାଭାରତ ): ଚଳିତ ୨୦୨୫ ମସିହା ମାଟ୍ରିକ ବାର୍ଷିକ ପରୀକ୍ଷାରେ ବ୍ରାହ୍ମଣଝରିଲୋ ନୋଡାଲ ଉଚ୍ଚ ବିଦ୍ୟାଳୟର ଶୁଭମ୍ ଜ୍ୟୋତି ସାହୁ ୫୪୬ ନମ୍ବର ସହିତ ଏ ୱାନ୍ ଗ୍ରେଡ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଓ ବାରଙ୍ଗ ବ୍ଲକ ଶିକ୍ଷାମଣ୍ଡଳୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଅଂଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି । ଶୁଭମ୍ ଜ୍ୟୋତି ସାହୁ ହେଉଛନ୍ତି ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ କୁରାଙ୍ଗଶାସନ ଗ୍ରାମ ପ*ାୟତ ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମର ପିତା ଶିଶିର କୁମାର ସାହୁ ମାତା ରଶ୍ମିତା ସାହୁଙ୍କ ପୁତ୍ର । ବ୍ରାହ୍ମଣଝରିଲୋ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ମୋଟ ୮୫ ଜଣ ପରୀକ୍ଷା ଦେଇଥିବେଳେ ସେମାନଙ୍କ ମଧ୍ୟରୁ ଶୁଭମ୍ ଜ୍ୟୋତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।



ତାଙ୍କର ଏହି ସଫଳତା ପଛରେ ତାଙ୍କ ପରିବାର ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଆଶୀର୍ବାଦ ରହିଥିବା ସେ କହିଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତମ କୁମାର ସାହୁ ,ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କୁରାଙ୍ଗଶାସନ ଗ୍ରାମବାସୀଙ୍କ ସହିତ ଅଂଚଳର ବୁଦ୍ଧିଜୀବୀମାନେ ତାଙ୍କର ଭବିଷ୍ୟତ ଉଜ୍ଜଳ କାମନା କରିବା ସହିତ ସମ୍ବର୍ଦ୍ଧନା ଦେଇଥିଲେ ।ଶୁଭମ୍ ଜ୍ୟୋତି ଭବିଷ୍ୟତରେ ଉଚ୍ଚ ପାଠପଢି ଜଣେ ଦକ୍ଷ ଇଞ୍ଜିନିଅର ହୋଇ ରାଜ୍ୟ ଓ ନିଜ ଅ*ଳର ଉନ୍ନତି କରିବାପାଇଁ ପ୍ରତିଶୃତି ଦେଇଛନ୍ତି ।

## କାଳ ବୈଶାଖୀରେ ବାସହୀନ ରମା ନାୟକ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ରାସଙ୍ଗ ପ*ାୟତ ନିକଟସ୍ଥ ଓସ୍ତିଆ ଗ୍ରାମରେ ଶନିବାର ଦିନ ହଠାତ କାଳରାତ୍ରିର କାଳ ବୈଶାଖୀ ରେ ହୋଇଥିବା ପବନ ବର୍ଷା ରେ ବିରାଟ କାୟ ଲିମ୍ବ ଗଛ ରମା ନାୟକଙ୍କ ବାସ ଘର ଉପରେ ପଡ଼ି ଘର ସଂପୂର୍ଣ୍ଣ ଭାଙ୍ଗିରୁଜି ଅସୁରକ୍ଷିତ ଅବସ୍ଥା ରେ ଥିବା ରୁ ରାତି ସାରା ଅନ୍ୟ ଘର ବାରଣ୍ଡା ରେ ରହିଥିବା ସୂଚନା ମିଳିଛି ।ଘରଟି ପୁରୁଣା ଘର ହୋଇଥିବା ରୁ ଗଛ ପଡିଥିବା ଜାଗାରେ ଘର ଭାଙ୍ଗି ଯାଇଥିବା ଦେଖା ଦେଇଛି ତା ସହିତ ଇଲେକ୍ଟ୍ରି ତାର ଛିଡି ତଳେ ପଡିଛି । ଶୀଘ୍ର ଘର ଉପରୁ ଗଛ ଟିକୁ ସଫା ନ କରା ଗଲେ ଘର ଟି ଅଧିକ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି । ଗ୍ରାମର ସମ୍ପୂର୍ଣ୍ଣ ଗରିବ ଶ୍ରେଣୀର ହରିଜନ ମହିଳା ହୋଇଥିବା ସହିତ ତାଙ୍କର ପରିବାର ରେ ଅନ୍ୟକେହି ନଥିବାରୁ ସେ ସମ୍ପୂର୍ଣ ଅସହାୟ ହୋଇ ପଡ଼ିଥିବା ଜଣା ପଡ଼ିଛି ।ଖବର ପାଇ ଅଗ୍ନିଶମ ବାହିନୀ ଆସି ଗଛ କୁ କାଟିଥିଲେ । ଏଥି ସହିତ ପ୍ରଶାସନଙ୍କୁ ଅନୁରୋଧ କରିବା ସହିତ ଗରିବ ମହିଳାଙ୍କୁ ସାହାଯ୍ୟ କରିବାକୁ ଗ୍ରାମବାସୀ ମାନେ ଦାବୀ ରଖିଛନ୍ତି ।

## ପାଣି ପାଇଁ ଡହଳ ବିକଳ କେଶବନାଇଗୁଡା ନୂଆ ସାହିର ଲୋକେ !

କଲ୍ୟାଣସିଂହପୁର, (ମହାଭାରତ): ଗ୍ରୀଷ୍ମପ୍ରବାହ ଯେତେ ବଢ଼ିବାରେ ଲାଗିଛି ପିଇବା ପାଣି ର ସମସ୍ୟା ସେତେ ଉକ୍ରଟ ହେବାରେ ଲାଗିଛି ଏ ଚିତ୍ର ହୋଉଛି କେଶବନାଇଗୁଡା ନୂଆ ସାହିର ଦୃଶ୍ୟ । ଏ କୌଣସି ଉପାନ୍ତ ଅଂଚଳ ନୁହେଁ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ର ସଦର ପ*ାୟତର । କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟ ରୁ ମାତ୍ର ୨ କିମି ଦୂର ବାଟରେ କେଶବନାଇଗୁଡା ଗାଁ ।ସେହିଠାକୁ କୋ ?ଣସି ପ୍ରଶାସନିକ ଅଧିକାରୀ ପହଁ* ବା ପାଇଁ ମାତ୍ର ୧୦ ମିନିଟ ର ବାଟ କିନ୍ତୁ ପ୍ରଶାସନର ଅବହେଳା ର ଶିକାର ହେଉଛନ୍ତି ଗାଁ ଲୋକେ । ଗାଁ ଲୋକ ଙ୍କୁ ପିଇବା ପାଣି ଅଛି ଗୋଟିଏ ମାତ୍ର ନଳ କୂପ ତାହା ଏବେ ଅଚଳ । ଏଣୁ ନାଳରେ ଚୁଆଁ ପାଣି ବ୍ୟବହାର କରିବାକୁ ବାଧ ହୋଉଛନ୍ତି । ଚୁଆଁ ପାଣି ଆଣିବାକୁ ହେଲେ ଦୀର୍ଘ ଏକ କିଲୋମିଟର ମାଟି ପଥୁରିଆ ରାସ୍ତା ଦେଇ ପାଣି ଆଣିବାକୁ ପଡ଼ିଥାଏ, ଅନ୍ୟ କୌଣସି



ବିକଳ୍ପ ନ ଥିବାରୁ ଲୋକ ବାଧ ହୋଇ ନିକଟସ୍ଥ ନାଳରେ ଚୁଆଁ ଖୋଲି ପାଣି ବ୍ୟବହାର କରୁଛନ୍ତି । ଏହି ପାଣି ପିଇବା ଦ୍ୱାରା କାଛୁକୁଣ୍ଡିଆ, ଡାଇରିଆ, ମ୍ୟାଲେରିଆ, ଟାଇଫଏଡ ଭଳି ବିଭିନ୍ନ ରୋଗରେ ପଡୁଥିବା ଅଭିଯୋଗ ହୋଇଛି । ଏ ଗାଁ ବ୍ଲକ କାର୍ଯ୍ୟାଳୟ ଅତି ନିକଟରେ ଥିବା ସତ୍ୱେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେଉନ ଥିବା ଅଭିଯୋଗ ହୋଇଛି । ଯଥା ଶିଘ୍ର ପାନୀୟ ଜଳ ସମସ୍ୟା ର ସମାଧାନ ନ କରାଯାଏ ତାହା ହେଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ପାଇଁ ପଛାଇବୁ ନାହିଁ ବୋଲି ରାମ କାଡାକା, ସୁରିଆ ରାଓ କାଡାକା, ନରେନ୍ଦ୍ର ହୁଇକା, ସୁରେଶ ହୁଇକା କହିଛନ୍ତି । କଲ୍ୟାଣସିଂହପୁର ସଦର ମହକୁମାରେ ସାମାନ୍ୟ ବର୍ଷା ହେଲେ ନଦୀର ଗୁଳିଆ ପାଣି କୁ ଫିଲଟର ନ କରି ଟାଙ୍କି ଲୋଡ଼ କରି ପାଣି ଛଡ଼ାଯାଉଛି । ଯେ ହେତୁ ପାଣି ଗୋଳିଆ ରହୁଛି । ଉକ୍ତ ଟାଙ୍କିକୁ ସଫା କରି ସେଥିରେ ବ୍ଲିଚିଂ ପକାଇବା କଥା ତାହା କରାଯାଉନାହିଁ । ଉକ୍ତ ପାନୀୟ ଜଳ ବ୍ୟବହାର କରି ଲୋକ ମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ତାହା ପୂର୍ବରୁ ତୁରନ୍ତ ପଂଚାୟତ ତରଫରୁ ଟାଙ୍କି ସଫା କରି ସେଥିରେ ବ୍ଲିଚିଂ ପକାଇବା ପାଇଁ ଦାବି ହେଉଛି ।

## ଗୁଡହାଣ୍ଡି ଡୋକରୀ ଚଂଚରା ସୁରକ୍ଷା ମଂଚର ବୈଠକ

କୋକସରା, (ମହାଭାରତ) : କୋକସରା ବ୍ଲକ ଟେମରା ବଜାର ପଡିଆଠାରେ ରବିବାର ଗୁଡହାଣ୍ଡି ଡୋକରୀ ଚଂଚରା ସୁରକ୍ଷା ମ*ର ଆବାହକ ରାଜେନ୍ଦ୍ର ନାଏକଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଟେମରା ସରପଂଚ କ୍ଷିତିରାମ ପାତ୍ର, ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକ, ଅଶୋକ ଦାସ, ସୁଧୀର କୁମାର ପାତ୍ର, ଗୋବିନ୍ଦ ଚନ୍ଦ୍ର ପଟ୍ଟଯୋଶୀ, ଭଦ୍ରେଶ୍ୱର ପାତ୍ର, ମାନସ ରଞ୍ଜନ ବାଗ, ଶ୍ୟାମସୁନ୍ଦର ନାଏକ, ତ୍ରିଭୁବନ ନାଏକ, ନିମାଇଁ ଚରଣ ଧଙ୍ଗଡାମାଝୀ, ନୀଳାମ୍ବର ନାଏକ, ଡମ୍ବରୁଧର ଖର୍ସେଲ, ଧନଞ୍ଜୟ ବେହେରା, ମଧୁବନ ପାତ୍ର, ଜିତେନ୍ଦ୍ର ମାଝୀ, ଚୌବନ ରଣା, ମହିମା ସରପ* ଈଶରାମ କୋଲଥିଆ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ରାମନବମୀ ପୂର୍ବରୁ ଯେଉଁ ବିବାଦ ଦେଖାଯାଇଥିଲା ତାହା ନହେବା କଥା, ଏହି ପର୍ଯ୍ୟଟନସ୍ଥଳୀ ରେ ବାର ମାସରେ ତେର ପର୍ବ ପାଳନ ହୋଇ ଆସୁଛି, ତେଣୁ ସମସ୍ତ ପର୍ବପର୍ବାଣୀ ଶାନ୍ତି ଶୃଙ୍ଖଳା ସହିତ ପାଳିତ ହେଉ । ଏଭଳି ବାଦ୍ ବିବାଦ ନ ହୋଇ ଆମେ ସମସ୍ତେ ମିଳିମିଶି ଡୋକରୀ ଚଂଚରାର ବିକାଶ ଦିଗରେ ଆଗେଇ ଆସିବା ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟପଟେ ବ୍ଲକର



ବିଭିନ୍ନ ଅଂଚଳରୁ ବୈଠକକୁ ଆସିଥିବା ବରିଷ୍ଠ ନାଗରିକ ଓ ବିଭିନ୍ନ ବ୍ୟକ୍ତି ବିଶେଷ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚ*ରାର ପ୍ରଗତି ଓ ଉନ୍ନତି ଉପରେ ସୁଚିନ୍ତିତ ମତାମତ ରଖିବା ସହ ଏହି ପର୍ଯ୍ୟଟନସ୍ଥଳୀ କୌଣସି ଏକ ନିର୍ଦ୍ଦିଷ୍ଟ ଅ*ଳର ନୁହେଁ, ଏହା କୋକସରା ବ୍ଲକ, କଳାହାଣ୍ଡି ଜିଲ୍ଲା ସମେତ ସମଗ୍ର ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ ହୋଇଛି । ତେଣୁ ନିର୍ଦ୍ଦିଷ୍ଟ ଅ*ଳରେ ସିମିତ ରଖିବାର କଥା ନୁହେଁ । ଆଗମୀ ଦିନରେ ସମସ୍ତ ଅ*ଳର ଲୋକଙ୍କୁ ନେଇ ଡୋକରୀ ଚ*ରା ଉନ୍ନୟନ ସମିତି ଗଠନ କରାଯାଉ, ଏଥିପ୍ରତି ପ୍ରଶାସନ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେଉ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ବିଭିନ୍ନ ଆଲୋଚନା ପରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ଦାସଙ୍କ ପ୍ରସ୍ତାବ କ୍ରମେ ଗୁଡହାଣ୍ଡି ଡୋକରୀ ଚ*ରା ସୁରକ୍ଷା ମ*ର ସଭାପତି ଭାବେ ରାଜେନ୍ଦ୍ର ନାଏକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ଏହି ବୈଠକରେ ବ୍ଲକର ବିଭିନ୍ନ ପ*ାୟତରୁ ଶତାଧିକ ଲୋକେ ଯୋଗଦେଇ ଥିଲେ ।

## ଶାଶୁଙ୍କୁ ପୋଡିଦେଲା ବୋହୂ

ମାଲକାନଗିରି, (ମହାଭାରତ) : ଟଙ୍କା ଚୋରି ଧରା ପଡିବା ପରେ ଶାଶୁଙ୍କୁ ନିଆଁ ଲଗାଇ ପୋଡି ଦେଲେ ବହୁ । ଏପରି ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରିରେ । ମାଲକାନଗିରି ଥାନା ଅନ୍ତର୍ଗତ ଏମଭି ୧୮ ଗ୍ରାମର ରେଣୁକା ବୈଦ୍ୟ ନିଜ ଘରେ ଶୋଇଥିବା ବେଳେ ବେଳେ ବହୁ ଜୟା ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବା ପରେ ଘରର କବାଟ ବନ୍ଦ କରି ଚାରି ମାସର ପୁଅକୁ ନେଇ ବାପ ଘରକୁ ଚାଲି ଯାଇଛନ୍ତି । ଗୁରୁତର ଅବସ୍ଥାରେ ଗାଁ ଲୋକେ ପ୍ରଥମେ ମାଲକାନଗିରି ଜିଲ୍ଲା ସଦର ଚିକିତ୍ସାଳୟରେ ଭର୍ତି କରିଥିଲେ ହେଲେ ରେଣୁକାଙ୍କ ଶରୀରର ୬୦ ପ୍ରତିଶତ ପୋଡି ଯାଇଥିବାରୁ ତାଙ୍କୁ ଛତିଶଗଡ ରାୟପୁରର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାକୁ ନେଇ ଜୟାଙ୍କ ସ୍ୱାମି ଅବିନାଶ ବୈଦ୍ୟ ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

କପ୍ତିପଦା, (ମହାଭାରତ): ଜଙ୍ଗଲରେ ପଡିଛି ମହିଳାଙ୍କ ମୃତଦେହ । ଦେହରେ ରହିଛି ଅନେକ କ୍ଷତ ଚିହ୍ନ । କପ୍ତିପଦା ଥାନା ବିଦ୍ୟାଧରନଗର ଜଙ୍ଗଲରେ ଜଣେ ମହିଳାଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ ସ୍ଥାନୀୟ ଲୋକେ । ପୋଲିସ ଘଟଣାସ୍ଥଳରେ ପହଁ* ମୃତଦେହ ଜବତ କରି ଆରମ୍ଭ କରିଛି ତଦନ୍ତ । ମୃତକ ଉକ୍ତ ଗ୍ରାମର ମାଦେ ବାଣ୍ଡରା । ମାଦେ ଘରେ ଏକୁଟିଆ ରହୁଥିବା ବେଳେ ଆଜି କିଛି ପିଲାମାନେ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ତାଙ୍କର ମୃତଦେହ ପଡ଼ିଥିବା ଦେଖିଥିଲେ । ମୃତଦେହର ଅନେକ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଛି । ଯାହାକି କେହି ତାଙ୍କୁ ହତ୍ୟା କରି ଜଙ୍ଗଲରେ ଫୋପାଡ଼ି ଦେଇଥିବା ପୋଲିସ ସନ୍ଦେହ କରିଛି । ସନ୍ଦେହରେ ପୋଲିସ ଗ୍ରାମର ଜଣେ ଯୁବକ ପ୍ରତାପ ସଏକୁ ଅଟକ ରଖି ପଚରା ଉଚରା ଜାରି ରଖିଛି । ତେବେ ଯଦି ଯୁବକ ଜଣକ ହତ୍ୟା କରିଛନ୍ତି ତେବେ ହତ୍ୟା ପଛର କାରଣ କଣ ତାହା ଏବେ ବି ଅସ୍ପଷ୍ଟ ।

## ମାଳି ସମାଜର ପ*ବାର୍ଷିକୀ ମହାସଭା ଓ ନୂତନ କର୍ମକର୍ତା ଚୟନ

ଜୁନାଗଡ, (ମହାଭାରତ) : ଜୁନାଗଡ ବ୍ଲକ ଅନ୍ତର୍ଗତ ଚାର୍ବାହଲ ମଣ୍ଡି ଠାରେ କଳାହାଣ୍ଡି ପଣ୍ଡରାମାଳି ସମାଜ ର ପ*ବାର୍ଷିକ ମହାସଭା ଅନୁଷ୍ଠିତ ହୋଇ ନୂତନ କର୍ମକର୍ତା ଚୟନ ସାଙ୍ଗକୁ ସମାଜର ସମ୍ବିଧାନ ପୁସ୍ତକ ଉନ୍ମୋଚିତ ହୋଇଛି । ସମାଜ ସଭାପତି ଈଶ୍ୱର ପୁଝକ୍ଷରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ରେ କୁଳପତି ପ୍ରକାଶ ନାଏକ, ଯୁବ ବାହିନୀ ସଭାପତି ଦୁର୍ଗାପ୍ରସାଦ ନାଏକ, ଉପସଭାପତି ବୈକୁଣ୍ଠ ନାଏକ, ସମ୍ପାଦକ ବିଷ୍ଣୁ ପ୍ରସାଦ ନାଏକ, ଜୁନାଗଡ଼ ଏନ ଏ ସି ଚେରମେନ ହିମାଦ୍ରୀ ନାଏକ, ପୂ ସରପଂଚ ଦୁରସିଲା ମାଝୀ, ଆଇନଯିବି କଲ୍ୟାଣୀ ନାଏକ, ପୂ ବ୍ଲକ ଚେରମେନ ତୁଲେଶ୍ୱର ନାଏକ ଓ ଜୟପାଟଣା, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ଲାଞ୍ଜିଗଡ ବ୍ଲକ ସଭାପତି ସମୂହ ମଂଚାସୀନ ହୋଇ ସମାଜ କୁ ଆଗକୁ ନେବା ପାଇଁ ଉଦବୋଧନ ଦେଇଥିଲେ । ଏହି ଅବସରରେ ସମାଜ ର ସମ୍ବିଧାନ ନିୟମାବଳୀ ପାରିତ ହୋଇ ଘୋଷଣା ହେଲା ଜେ ସମାଜ ଯୁବ ବାହିନୀ କର୍ମକର୍ତାଙ୍କ ବୟସ ସୀମା ୩୫ ରୁ ୪୫,ଛାତ୍ର ସଂଗଠନ ର ବୟସ ସୀମା ୧୮ ରୁ ୨୫, ମହିଳା ସଂଗଠନ କର୍ମକର୍ତାଙ୍କ ବୟସ ୪୦ ରୁ ୬୦ ପାରିତ କରାଗଲା । ଉକ୍ତ ସଭା ରେ ଆଲୋଚନା କରି ସର୍ବସମ୍ମତି କ୍ରମେ ପଣ୍ଡାରକ୍ଷମାଳି ଯୁବ ବାହିନୀ ର କର୍ମକର୍ତା ଚୟନ କରାଗଲା । ସଭାପତି ଭାବେ ଭବାନୀ ଶଙ୍କର ବଣିଆ,ଉପ ସଭାପତି ଭାବେ ବିପୁଳ ବଣିଆ,ଲୋଚନ ନାଏକ, କୈଳାସ ବଣିଆ, ଶୁଭେନ୍ଦୁ ନାଏକ, ସାଧୁ ଚରଣ ନାଏକ ସମ୍ପାଦକ ଲୋକେଶ ନାଏକ, ଯୁଗ୍ମ ସମ୍ପାଦକ ତପନ ଭୋଇ ଓ ଶୈଳ କୁମାର ନାଏକ, କୋଷାଧକ୍ଷ ସଂଜୀବ କୁମାର ବଣିଆ ଉପଦେଷ୍ଟା ଭାବେ ଶିବ ପ୍ରସାଦ ଭୋଇ, ବିବେକାନନ୍ଦ ମାଝୀ, ସୁଜିତ ନାଏକ, ଧନୁର୍ଜ୍ୟ ମାଝୀ, ଲୋକେଶ୍ୱର ପାରି, ବେଣୁଧର ମାସରା, ଚୌବାହା ତୋଲଟିଆ, ଧବଳେଶ୍ୱର ନାଏକ, ବାସୁଦେବ ନାଏକ ପ୍ରମୁଖଙ୍କୁ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ଗାପ୍ରସାଦ ନାଏକ ଘୋଷଣା କରିଥିଲେ ଓ କୁଳପତି ପ୍ରକାଶ ନାଏକ ପଦ ଓ ଗୋପନୀୟତା ର ଶପଥ ପାଠ କରାଇଥିଲେ । ପାଣ୍ଡରା ମାଳି ଯୁବ ବାହିନୀ ସଭାପତି ଦୁର୍ଗାପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରି ଥିଲେ କ୍ଷ ହାରାହାରି କଳାହାଣ୍ଡି ରୁ ସମାଜ ର ୩୦୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ ।

## ଶବଦାହ ପାଇଁ ମିଳୁନି କାଠ, ଅସୁବିଧା ଭୋଗୁଛନ୍ତି ଜନସାଧାରଣ

କନ୍ଧମାଳ, (ମହାଭାରତ) : ଫୁଲବାଣୀ ପୌର ପରିଷଦ କାଠ ମଣ୍ଡି ଅଛି କିନ୍ତୁ ଶବ ଶତ୍କାର ପାଇଁ କାଠ ମିଳିବ କଷ୍ଟ ହେଉଛି । ଏମିତି କିଛି ଅଭିଯୋଗ ଆସୁଚି । କାଠ ନ ମିଳିବାରୁ ବାହାରୁ କାଠ କିଏ ତ କିଣୁଛି ବା ବାଧ ହୋଇ ବାହାରକୁ ନେଇ ଶବ ଶତ୍କାର କରୁଛନ୍ତି ଲୋକେ । ମୁନସୀ ପାଲଟି ପକ୍ଷ୍ୟରୁ ଶବ ଶତ୍କାର ପାଇଁ ବୈଦ୍ୟୁତିକ ଗୃହ ହୋଇଛି ତାହା ବି ତିନି ବର୍ଷ ହେଲା କାର୍ଯ୍ୟ କ୍ଷମ ହେଇ ପାରୁନାହିଁ । କନ୍ଧମାଳ ଜିଲ୍ଲା ରେ ବହୁ ଜଙ୍ଗଲ ରହିଛି କିନ୍ତୁ ଶବ ସତ୍କାର ପାଇଁ ଗୋଟଏ କଥା ଡିପୋ ଥିଲେ ମଧ୍ୟ କାଠ ନ ମିଳିବା ଅଭିଯୋଗ ହେଉଛି । ଫୁଲବାଣୀର କେନ୍ଦୁପଦର ଠାରେ ବହୁଦିନ ହେଲା ଫରେଷ୍ଟ ଡ଼େଭଲପମେଂଟ କର୍ପୋରେସନ ପକ୍ଷ୍ୟରୁ ଜଙ୍ଗଲ ବିଭଗ ପକ୍ଷ୍ୟରୁ କାଠ ଆଣି ମହଜୁଦ ରଖିବା କଥା କିନ୍ତୁ ଦିର୍ଘ ବର୍ଷେ ହେଲା ଏହି ଡିପୋ ରେ କାଠ ମହଜୁଦ୍ ରହିନାହିଁ । ଯଦିବା ଡିପୋ ରେ କାଠ ରହିଚି ତାହେଲେ ମିଳିବା କଷ୍ଟ ହେଉଛି । କାରଣ ଏହି ଡିପୋ ଦାୟିତ୍ୱରେ ଥିବା କର୍ମଚାରୀ ବୌଦ୍ଧ ଜିଲା ଚାରିଛକ ଥିବା ଡିପୋ ଓ





ଫୁଲବାଣୀ ଡିପୋ ର ଦାୟିତ୍ୱରେ ରହିଛନ୍ତି । ଯାହାଫଳରେ ଡିପୋ କୁ କାଠ ଆଣି ବାକୁ ଗଲେ କେହି କର୍ମଚାରୀ ନଥିବା ଯୋଗୁଁ ଲୋକେ କାଠ ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି । ଚାରିଛକ ଡିପୋ ରେ ବହୁ ପରିମାଣ ରେ କାଠ ମହଜୁଦ ରହିଛି କିନ୍ତୁ ଫୁଲବାଣୀ ଡିପୋ ରେ କାଠ ବେଶୀ ପରିମାଣରେ ନଥିବା ଯୋଗୁଁ । ଶବ ଦାହ ପାଇଁ ସାଧାରଣ ଲୋକେ କାଠ ପାଇଁ ହନ୍ତସନ୍ତ ହେଉଛନ୍ତି । କରୋନା ମହାମାରୀ ସମୟରେ ବହୁ ଲୋକେ ଜୀବନ ହାରିଥିଲେ ଯାହା ଫଳରେ ଫୁଲବାଣୀ ର କେନ୍ଦୁପଦର ଠାରେ ଥିବା ଡିପୋ ରେ କାଠ ନଥିବା ଯୋଗୁଁ ସାଧାରଣ ଲୋକେ ଶବ ଦାହ ପାଇଁ ହନ୍ତସନ୍ତ ହୋଇଥିଲେ । ଏହାକୁ ଦୃଷ୍ଟି ରେ ରଖି ଫୁଲବାଣୀ ପୌରପରିଷଦ ପକ୍ଷ୍ୟରୁ ଫୁଲବାଣୀର ପଟାବାଲି ସାହି ନଦୀ ନିକଟରେ ୫୦ ଲକ୍ଷ୍ୟ ରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଗୋଟଏ ବିଦ୍ୟୁତ୍ ଚଳିତ ଶବ ଦାହ କେନ୍ଦ୍ର କରାଯଇଥିଲା । ଏହି ବିଦ୍ୟୁତ୍ ଚଳିତ ଶବ ଦାହ କେନ୍ଦ୍ର ଆଜକୁ ତିନି ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ କ୍ଷ ବର୍ତମାନ ଏହି କେନ୍ଦ୍ର ଖତ ଖାଇବାକୁ ବସିଲାଣି । ତେଣୁ କନ୍ଧମାଳ ଜିଲ୍ଲା ଫୁଲବାଣୀ ଠାରେ ଜଙ୍ଗଲ ବିଭାଗ ପକ୍ଷ୍ୟରୁ ଗୋଟଏ ସ୍ୱତନ୍ତ୍ର ଡିପୋ ଓ ବିଦ୍ୟୁତ୍ ଶବ ଦାହ କେନ୍ଦ୍ର ଅତି ଶୀଘ୍ର କାର୍ଯ୍ୟ କ୍ଷମ କରିବା ପାଇଁ ଲୋକେ ଦାବି କରିଛନ୍ତି ।ଯଦି ବିଦ୍ୟୁତ ଚଳିତ ଶବଗୃହ କଥା କହିବା ତେବେ ତାହା ମଧ୍ୟ ଅତି ଶୋଚନୀୟ ଅବସ୍ଥାରେ ପଡି ରହିଛି । ବିଦ୍ୟୁତ ଶବଗୃହର କିଛି ଜିନିଷ ଚୋରୀ ହୋଇଯାଇଛି, କବାଟ ଝରକା ସବୁ ଭାଙ୍ଗିଗଲାଣି । ପାଣି ଟାଙ୍କିର ବି ସମାନ ଅବସ୍ଥା । ତେଣୁ ଲୋକେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ଶବ ଦାହ ପାଇଁ ଡିପୋ ରୁ କାଠ ନ ମିଳିବାରୁ ଲୋକେ ଅନ୍ୟତ୍ର ନେଇ ଶବ ଦାହ କରୁଛନ୍ତି । ତେଣୁ ଫୁଲବାଣୀ ଠାରେ ସ୍ୱତନ୍ତ୍ର ଡିପୋ ଓ ବିଦ୍ୟୁତ୍ ଶବ ଦାହ କେନ୍ଦ୍ର ଅତି ଶୀଘ୍ର କରିବାକୁ ସାଧରଣରେ ଦାବି ହେଉଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ପ୍ରବଳ ବର୍ଷାରେ ଧୋଇଗଲା ଡାଇଭରସନ, ଯୋଗାଯୋଗ ବିଚ୍ଛିନ୍ନ



ପାଟଣା : ଗତକାଲି ରାତି ପ୍ରବଳ ବର୍ଷା କାରଣରୁ ନାଳରେ ପାଣି ଆସି ଡୁମୁରିଆ ଭୀମକୁଣ୍ଡ ରାସ୍ତାର ବାଲିଯୋଡି ନାଳରେ ଏକ ଡାଇଭରସନ ଧୋଇଯିବାରୁ ଏହି ରାସ୍ତା ଦେଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ଠାକୁରମୁଣ୍ଡା ଆଡୁ କେନ୍ଦୁଝର ଆଡକୁ ଆସୁଥିବା ଯାନବାହନ ଏବଂ କେନ୍ଦୁଝର ପଟୁ ମୟୁରଭଞ୍ଜ ଅଞ୍ଚଳକୁ ଯାଉଥିବା ଯାନବାହାନ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥିଲା। ତେବେ ପୋଲ ର୍ନିମାଣ କାମ ଶେଷ ହୋଇଯାଇ ଥିବାରୁ ଏହାର ଦୁଇ ପାର୍ଶ୍ୱ ସଫା କରିବା ପରେ ପୋଲ ଉପରେ ଦେଇ ଯାନବାହନ ଚଳାଚଳ ବ୍ୟବସ୍ଥା ହୋଇଥିଲା।

## ଟାଲା ଭାଙ୍ଗି ସୁନା-ରୂପା ଲୁଟିଲେ ଦୁର୍ବୃତ୍ତ, ଥାନାରେ ମାମଲା

ଗୋପାଳପୁର(ମହାଭାରତ): ଗୋପାଳପୁର ଥାନା ଅନ୍ତର୍ଗତ ବହାଦୁରପେଟା ଗ୍ରାମରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଦୁଇଟି ଘରୁ ଲକ୍ଷାଧିକ ଟଙ୍କାର ସୁନା, ରୂପା ଓ ଲକ୍ଷାଧିକ ଟଙ୍କା ଲୁଟି ନେଇ ଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି।ସୂଚନା ଅନୁଯାୟୀ ବହାଦୁରପେଟା ଗ୍ରାମର ପ୍ରତିମା ବେହେରା କରାପଲ୍ଲୀ ଗୋବିନ୍ଦ ନଗରରେ ରହୁଛନ୍ତି। ଗତ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ବହାଦୁରପେଟାର ଘରର ଦୁଇଟି ତାଲା ଭାଙ୍ଗିଥିଲେ ଏବଂ ୪ ରୁ ୫ ଲକ୍ଷ ଟଙ୍କା ସହ ସୁନା ଓ ଅଳଙ୍କାର ଚୋରି କରି ନେଇଯାଇଥିବା ନେଇ ପ୍ରତିମା ବେହେରା ଥାନାରେ ଅଭିଯୋଗ କରିଥିଲେ। ଏହାସହ ପଡୋଶୀ ରାମକୃଷ୍ଣ ସାହୁଙ୍କ ଘରର ୩ଟି ତାଲା ଭାଙ୍ଗି ସହ ଆଲମିରା ଭାଙ୍ଗି ସେଥିରେ ଥିବା ସୁନା ଖାସୁ ଗୋଟିଏ,୩ ଯୋଡ଼ି ସୁନା କାନ ଫୁଲ, ୩ ଗୋଟି ରୂପା ପାଉଁଜି, ଗୋଟିଏ ରୂପା ଚେନ, ଗୋଟିଏ ରୂପା ଲକେଟ, ଛୋଟିଆ ଛୋଟିଆ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି।ଅଭିଯୋଗ ମିଳିବା ପରେ ପୁଲିସ କେସ ନମ୍ବର ୧୩୧/୨୫ ମାମଲା ରୁଜୁ କରିଛି। ବ୍ରହ୍ମପୁର ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବା ସହ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ତୁମ୍ବ ର୍ନିମାଣ କାର୍ଯ୍ୟ ଜାରି



ପୁରୀ,: ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ର୍ନିମାଣ କାର୍ଯ୍ୟ ଜାରିରହିଛି। ୩ ରଥ ପାଇଁ ଆବଶ୍ୟକ ୪୨ଟି ତୁମ୍ବ ମଧ୍ୟରୁ ୪୦ଟି ତୁମ୍ବ ମାପ ପ୍ରକାରେ ଗଡ଼ କରି କରତୀ ସେବକମାନେ ୩ ରଥ ଚଳିକୁ ଯୋଗାଇ ଦେଇଛନ୍ତି। ଉକ୍ତ ତୁମ୍ବ ଗଡ଼ଗୁଡ଼ିକରୁ ୩ ରଥ ମହାରଣା ସେବକମାନେ ୧୮ଟି ତୁମ୍ବ ଗଡ଼କୁ ବାରିସିରେ ହାଣି ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ୩ ରଥ ମହାରଣା ସେବକମାନେ ୬ଟି ଲେଖାଏ ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ତାଳଧ୍ୱଜ ରଥ ର୍ନିମାଣକାରୀ ସେବକ ୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷକରି ଆଉ ୫ଟି ତୁମ୍ବ ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ବାକି ୩ଟି ତୁମ୍ବରୁ ୨ଟି ଗଡ଼ ତୁମ୍ବରେ ମାପ ଚିହ୍ନ ଗାରିଆ ଶେଷ ହୋଇଛି। ଦେବୀ ରଥର ମୋଟ ୧୨ଟି ତୁମ୍ବରୁ ୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ଅନ୍ୟ ତୁମ୍ବର ଗୋଲେଇ କାର୍ଯ୍ୟ ପାଇଁ ୪ଟି ତୁମ୍ବ ଗଡ଼ରେ ମାପ ଚିହ୍ନ ଗାରିଆ ହୋଇ ଗୋଟିଏ ତୁମ୍ବ ଗୋଲେଇ କାର୍ଯ୍ୟ ଜାରି ରହିଛି।ସେହିପରି ନନ୍ଦିଘୋଷ ରଥ ଚଳିକୁ ଯୋଗାଇ ଦିଆଯାଇଥିବା ୧୬ଟି ତୁମ୍ବ ଗଡ଼ ମଧ୍ୟରୁ ୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରହିଛି। ବାକି ୮ଟି ତୁମ୍ବ ଗଡ଼ରେ ମାପ ଗାଡ଼ିଆ ଶେଷ ହୋଇଛି। ଅପରପକ୍ଷେ ଅସ୍ଥାୟୀ କମାରଶାଳ ଦୋଳବେଦୀ ପରିସରରେ ରଥ ର୍ନିମାଣ ପାଇଁ ଆବଶ୍ୟକ କଣ୍ଟା ପ୍ରସ୍ତୁତ ନିମନ୍ତେ ଅସ୍ଥାୟୀ କମାରଶାଳ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ତେବେ ରବିବାର ଶାଳ ପୂଜା ପରେ କଣ୍ଟା ପ୍ରସ୍ତୁତି ଆରମ୍ଭ ହେବ ବୋଲି ଓଝା ସେବକ ସୂଚନା ଦେଇଛନ୍ତି।

## ନୂଆପଡା ରେଳ ଫାଟକରେ ୨୩୮ କୋଟି ବ୍ୟୟରେ ନର୍ମାଣ ହେବ ଓଭର ବ୍ରିଜ୍

ନୂଆପଡା,: ନୂଆପଡା ସହରର ପ୍ରବେଶ ଦ୍ୱାରରେ ଅବସ୍ଥିତ ଥିବା ରେଳ ଫାଟକରେ ଖୁବ ଶୀଘ୍ର ର୍ନିମିତ ହେବ ଓଭର୍ ବ୍ରିଜ୍ୟ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜମି ଅଧିଗ୍ରହଣ ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ନୂଆପଡା ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଜିଲା ଉପ ନିବନ୍ଧକ ରାକେଶ କୁମାର ପରିଡ଼ା, ଭୁ ଅର୍ଜନ ଅଧିକାରୀ ହେମନ୍ତ ପୁଟା, ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣଚାନ୍ଦ ହାଁସଦା, ପୂର୍ତ୍ତ ବିଭାଗ ର୍ନିବାହୀ ଯନ୍ତ୍ରୀ ଶ୍ରୀ ଗର୍ଡିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।ସୂଚନାଯୋଗ୍ୟ ଯେ, ୨୩୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଓଭର ବ୍ରିଜ ର୍ନିମିତ ହେବ । ଏଥିପାଇଁ ଗୋଡଫୁଲା ଗାଁର ୩.୪୩୪ ଏକର ଏବଂ ପରଶାଗୁଡା ଗାଁ ର ୫.୮୦୫ ଏକର ଜମି ଅଧିଗ୍ରହଣ କରାଯିବ। କ୍ଷତିପୂରଣ ବାବଦରେ ଏଥିପାଇଁ ୧୫,୦୭,୮୬,୦୦୦ ଟଙ୍କା ଜମି ମାଲିକ ମାନଙ୍କୁ ପ୍ରଦାନ କରାଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଶିଘ୍ର କାମ ଆରମ୍ଭ କରିବା ପାଇଁ ଜିଲାପାଳ ଉପସ୍ଥିତ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହା ଓଭର ବ୍ରିଜ କାମ ସଂପୂର୍ଣ୍ଣ ହେଲେ ନୂଆପଡା ବାସୀଙ୍କୁ ଆଉ ରେଳ ଫାଟକରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡିବ ନାହିଁ।

## କଟୁରିଆ ଛକ ଠାରୁ ଠାକୁରମୁଣ୍ଡା ଘାଟି ପର୍ଯ୍ୟନ୍ତ ରାସ୍ତା କାମ ଅଧାପନ୍ତରିଆ

କପ୍ତିପଦା(ମହାଭାରତ): କପ୍ତିପଦା -ଶରତ ବଜାର ମୁଖ୍ୟ ରାସ୍ତା ର୍ନିମାଣ କାର୍ଯ୍ୟ ଅଟକିଛି, ଯାତ୍ରୀ ଅନ୍ତସନ୍ତ: ର୍ନିମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡୁଛନ୍ତି ଶରତ ଅଞ୍ଚଳବାସୀ ଲାବଣ୍ୟଦେଇପୁର ପଞ୍ଚାୟତ ଅଧୀନ କଟୁରିଆ ଛକରୁ ଶରତ ବଜାର ଦେଇ ନୋଟ ଛକ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ର୍ନିମାଣ କାର୍ଯ୍ୟ



ବନ୍ଦ ରହିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶରତ ବଜାର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବାଲି ଏବଂ ଚିପ୍ସ ଫିଲିଙ୍ଗ ପାଇଁ ଖୋଳା ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଉତ୍ତତିକରଣ କାର୍ଯ୍ୟ ପାଇଁ ରାସ୍ତା ଉପରେ ମଧ ଗୁଣ୍ଡ ଚିପ୍ସ ପଡ଼ି ଥିବାରୁ ରାସ୍ତାରେ ଗାଡ଼ି ଚଲାଇବା ମଧ ସମ୍ଭବ ହୋଇ ପାରୁ ନାହିଁ। ୨୦୨୪ ସାଧାରଣ ର୍ନିବାଚନରେ ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଏହି ରାସ୍ତା କାମଟି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବ ି ଭ । ଗ , ମୟୁରଭଞ୍ଜ(ବାରିପଦା)ଙ୍କ ଅଧିନରେ ଆସୁଅଛି। ପ୍ରକଳ୍ପର ସଫଳ ରୂପାୟନ ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଶରତ ଅଞ୍ଚଳର ଜନ ସାଧାରଣ । ତେବେ , ଜନସାଧାରଣଙ୍କ ବୃହ□ର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରି କାର୍ଯ୍ୟକୁ ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି।

## କାଳବୈଶାଖୀରେ ଫସଲକ୍ଷତି ଆକଳନ ଆରମ୍ଭ, ଆଶଙ୍କାରେ ଚାଷୀ



ବରଗଡ଼: ବରଗଡ଼ ଜିଲାରେ ରବିଧାନ ଫସଲ ଅମଳକ୍ଷମ ଅବସ୍ଥାରେ ରହିଛି। ଜିଲାର କେତେକ ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଧାନ ଅମଳ ଆରମ୍ଭ କରି ଦେଇଛନ୍ତି। ଅନ୍ୟପଟେ ଏଭଳି ସମୟରେ କାଳବୈଶାଖୀ ଚାଷୀଙ୍କୁ ଦାଉ ସାଧିଛି। ଝଡ଼ବର୍ଷା ସାଙ୍ଗକୁ କରାମାଡ଼(କୁଆପଥର ବୃଷ୍ଟି) ହେବା ଯୋଗୁ ଜିଲାର ଅନେକ ସ୍ଥାନରେ ଧାନ ସମେତ ପରିବା ଫସଲ ଉଜୁଡ଼ି ଯାଇଛି। ତେବେ ଆଗକୁ ମଧ କାଳବୈଶାଖୀ ଭୟ ରହିଥିବା ଯୋଗୁ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛ। ଶନିବାର ସନ୍ଧ୍ୟାରେ ହୋଇଥିବା ଝଡ଼ବର୍ଷା ଏବଂ କରାମାଡ଼ ପ୍ରଭାବରେ ଜିଲାର ଭଟଲି ବ୍ଲକ ଅନ୍ତର୍ଗତ ନାରଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ଜୟପୁର, ଝିକିଝିକି, କହେନମୁଣ୍ଡା, ଗୌଡ଼ପାଲି, ନାରଙ୍ଗପୁର, ବିଛୁଆଁ, କାଶିପାଲି, ସାନ ଅମଲିପାଲି, ଜୟପୁର ଆଦି ଗ୍ରାମରେ ଫସଲକ୍ଷତି ହୋଇଥିଲା।ରବିବାର ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ରଙ୍କ ସମେତ ବ୍ଲକ କୃଷି ଅଧିକାରୀ ଦେବାଶିଷ ଖମାରୀ, ସୁଲସୁଲିଆ ରାଜସ୍ୱ ନିରୀକ୍ଷକ ମନୋରଞ୍ଜନ ଲୁହା, ହାତୀସର ରାଜସ୍ୱ ନିରୀକ୍ଷକ କୁନୁ ପ୍ରଧାନ ପ୍ରମୁଖ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ଜୟପୁର, ଗୌଡ଼ପାଲି, ନାରଙ୍ଗପୁର ଏବଂ ବିଛୁଆଁ ଗ୍ରାମର ପ୍ରଭାବିତ ଫସଲ ଅନୁ୍ୟଧାନ କରି କ୍ଷୟକ୍ଷତି ଆକଳନ କରିଥିଲେ। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ସମ୍ପୃକ୍ତ ଅଞ୍ଚଳରେ ପ୍ରାୟ ୧୨୦ ହେକ୍ଟର ଧାନ ଏବଂ ପରିବା ଫସଲ କାଳବୈଶାଖୀରେ ପ୍ରଭାବିତ ହୋଇଥିବା ନେଇ ଆକଳନ ହୋଇଛି ବୋଲି ସୂଚନା ମିଳିଛି। ଆକଳନ ସମୟରେ ଚାଷୀମାନେ ଉପସ୍ଥିତ ରହି ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସହାୟତା ରାଶି ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି କହିଥିଲେ। ଯେଉଁ କ୍ଷତିଗ୍ରସ୍ତ ଚାଷୀମାନେ ବୀମା କରି ନାହାନ୍ତି, ସେମାନଙ୍କୁ ମଧ ଉଚିତ କ୍ଷତିପୂରଣ ପ୍ରଦାନ ଏବଂ ରାଜ୍ୟ ସରକାରଙ୍କ ର୍ନିଦ୍ଧାରିତ କ୍ଷତିପୂରଣ ସହାୟତା ରାଶିର ପୁନର୍ବିଚାର କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କଠାରେ ଦାବି ଉପସ୍ଥାପନ କରିଥିଲେ।ଅନ୍ୟପଟେ ୩ ଦିନ ପୂର୍ବରୁ ଭଟଲି ବ୍ଲକ ଅନ୍ତର୍ଗତ ହଳଦିପାଲି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ମଧ ଝଡ଼ବର୍ଷା, କରାମାଡ଼ ପ୍ରଭାବରେ ଉଭୟ ଧାନ ଏବଂ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଚିରାଚରିତ ଢ଼ଙ୍ଗରେ ଫସଲକ୍ଷତିର ଆକଳନ କରାଯାଉଛି। ତେବେ ପୂର୍ବରୁ ମଧ ଅନୁରୂପ କ୍ଷୟକ୍ଷତି ଆକଳନ ହୋଇଥିଲା ଏବଂ ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ କିମ୍ବା ବୀମା ସହାୟତା ମିଳି ପାରି ନାହିଁୟ ଫଳରେ ଏଥର ମ୍ୟଯ ତାହା ପାଇବା ନେଇ ଚାଷୀମାନେ ଏବେ ମଧ ଆଶଙ୍କାରେ ରହିଛନ୍ତି। ଫସଲକ୍ଷତିର ସଠିକ୍ ଆକଳନ କରାଯାଇ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଏବଂ ବୀମା ସହାୟତା ଯୋଗାଇବା ଦିଗରେ ତ୍ୱରି ପଦକ୍ଷେପ ନେବାକୁ ଚାଷୀ ସଂଗଠନ ଜୟ କିସାନ ଆନ୍ଦୋଳନର ସାଧାରଣ ସମ୍ପାଦକ ହର ବଣିଆଁ ଦାବି କରିଛନ୍ତି। ଚାଷୀଙ୍କୁ କ୍ଷତିପୂରଣ କିମ୍ବା ବୀମା ସହାୟତା ନ ମିଳିଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସୋମବାର ସୁଦ୍ଧା କ୍ଷୟକ୍ଷତି ଆକଳନ ଚୂଡ଼ାନ୍ତ କରାଯାଇ ଜିଲାସ୍ତରକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଭଟଲି ବ୍ଲକ କୃଷି ଅଧିକାରୀ ଖମାରୀ କହିଛନ୍ତି।

## ୨୦ ଦିନ ହେଲା ଜଳ ପ୍ରକଳ୍ପ ବନ୍ଦ: ଲୋକେ ହନ୍ତସନ୍ତ



କେନ୍ଦୁଝର,: ରାଜ୍ୟରେ ଚଳିତ ବର୍ଷ ୪୦ ଡିଗ୍ରୀ ଉପରେ ତାପମାତ୍ରା ପ୍ରଭାବିତ ହୋଇ ଭୀଷଣ ଗରମ ଅନୁଭୂତି ହେଉଥିବା ବେଳେ ସରକାର ପକ୍ଷରୁ ଜଳ ଉତ୍ସଗୁଡିକର ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ରହିଛି। କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଜନସଧାରଣ ନାହିଁ ନ ଥିବାର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅନ୍ତର୍ଗତ ବିନିଦା ପଞ୍ଚାୟତ ମସିଣାଯୋଡ଼ି ହାଟ ପଡ଼ିଆ ଛକ ନିକଟରେ ଥିବା ଆରଡବ୍ଲୁଏସଏସ ଜଳ ପ୍ରକଳ୍ପଟି ଆଜକୁ ୨୦ ଦିନ ହେଲାଣି ବନ୍ଦ ହେବାରୁ ପ୍ରକଳ୍ପ ଉପରେ ର୍ନିଭର କରୁଥିବା ସ୍ଥାନୀୟ ମହାନ୍ତ ସାହି, ଜୁଆଙ୍ଗ ସାହି, ମୁଣ୍ଡା ସାହି, ଗୋପାଳ ସାହିର ଶତାଧିକ ପରିବାର ପିଇବା ପାଣି ପାଇଁ ତହଳବିକଳ ହେବା ସହିତ ପ୍ରଚଣ୍ଡ ଖରା ହେଉଥିଲେ ମଧ ଜୀବନ ବିକଳରେ ଏଣୁତେଣୁ ବହୁ ଦୂରଦୂରାନ୍ତରୁ ପାଇଁ ଆଣି ଚଳିବାକୁ ପଡୁଛି। ଖରା ଦିନେ ଭଳି ସମୟରେ ପ୍ରକଳ୍ପଟି ୨୦ ଦିନ ଧରି ବନ୍ଦ ହେବା ସ□ୱ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ନ ହେବା ଏକ ଦୁର୍ଭାଗ୍ୟଜନକ ଏବଂ ପ୍ରକଳ୍ପ ଚାଲୁକରିବା ପାଇଁ ଜିଲାପାଳ, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଦାବି କରାଯିବ ବୋଲି ଗ୍ରାମର ୱାର୍ଡମେମ୍ବର କ୍ଷେତ୍ରବାସୀ ବାରିକ, ମଧୁ ମୁଣ୍ଡା, ଚନ୍ଦ୍ର ମୁଣ୍ଡା, ଖଟୁଆ ଜୁଆଙ୍ଗ, ଚନ୍ଦ୍ର ଜୁଆଙ୍ଗ, ମଦନା ଜୁଆଙ୍ଗ, କୁନା ଜୁଆଙ୍ଗ, ଅର୍ଜୁନା ଜୁଆଙ୍ଗ, ଈଶ୍ୱର ଜୁଆଙ୍ଗ, କ୍ଷେତ୍ର ମହାନ୍ତ, ଗିରିଧାରୀ ମହାନ୍ତ, ସୁନି ମହାନ୍ତ, ପ୍ରତାପ ମହାନ୍ତ, ଜାଗା ବାରିକ, ଦିପୁ ବାରିକ, ଶୁଭବ୍ରତ ବାରିକ, କରୁଣାକର ବାରିକ, ଭାଗବତ ପରିଡ଼ା, ଶରତ ବାରିକ,ସୁଦର ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି କହିଛନ୍ତି।

## ୪ଦଫା ଦାବି ପୂରଣ ନକଲେ ରାଜ୍ୟବ୍ୟାପୀ ହେବ ଟ୍ରକ୍ ଧର୍ମଘଟ-ଟ୍ରକ୍ ମାଲିକ ମହାସଂଘ

ଗୁରୁଡିଝାଟିଆ: ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ର ୪ ଦଫା ଦାବିକୁ ସରକାର ପୂରଣ ନକଲେ ଖୁବ୍ ଶୀଘ୍ର ରାଜ୍ୟବ୍ୟାପୀ ଟ୍ରକ୍ ଧର୍ମଘଟ ହେବ ବୋଲି ଚେତାବନୀ ଦେଇଛି ମହାସଂଘ। ମହାସଂଘର ସାଧାରଣ ସମ୍ପାଦକ ରବିନାରାୟଣ ଶତପଥୀ କହିଛନ୍ତି, ବିଗତ ସରକାର ପୁଞ୍ଜିପତିଙ୍କ ହସ୍ତ ବାରସି ସାଜି ଟ୍ରକ୍ ମାଲିକମାନଙ୍କ ଦାବିକୁ ଅଣଦେଖା କରି ଆମମାନଙ୍କ ପ୍ରତି ଘୋର ଅବିଚାର କରିବା ସହ ଆର୍ଥିକ ମେରୁଦଣ୍ଡକୁ ଦୋହଲେଇ ଦେଇଛି। ନ୍ୟାୟଚିତ ଦାବିକୁ ୨୦୧୧ ମସିହାରୁ ଅଣଦେଖା କରିଚାଲିଛି। ବୈଷୟିକ କମିଟିର ରିପୋର୍ଟକୁ ଚାପି ଦେଇ ବସିଛି।ମୋଟର ଯାନ ନିୟମ ଅନୁଯାଇ ଟ୍ରକ୍ ମାଲ ପରିବହନର ସର୍ବନିମ୍ନ ଭଡାକୁ ଧାର୍ଯ୍ୟ କରିବା, ଟୋଲ ଗେଟର ଦେୟକୁ ଟ୍ରକ୍ ମାଲିକମାନେ ନ ଦେଇ ଭଡ଼ା ନେଉଥିବା ବ୍ୟକ୍ତି ଦେବା, ଇଏମଆଇ ପ୍ରଦାନରେ ବିଳମ୍ବ ହେଲେ ବ୍ୟାଙ୍କ୍ ମାନେ ବଳପୂର୍ବକ ଟ୍ରକକୁ ନେଇଯିବା ପ୍ରତିବଦଳରେ ଆଇନ ଅନୁଯାଇ ବ୍ୟବସ୍ଥା କରିବା ଓ ରେଳ ଯୋଗେ ମାଲ ପରିବହନ ହେଉଥିବାରୁ ଟ୍ରକରେ ମାଲ ପରିବହନ କେତେ ଭାଗ କରିବେ ତା ' ର ର୍ନିଦ୍ଧିଷ୍ଟ ପରିମାଣ ଧାର୍ଯ୍ୟ କରିବା ଆଦି ୪ ଦଫା ଦାବିକୁ ସରକାର ସୁବିଚାର କରି ଗ୍ରହଣ କରିବା ଉପରେ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ ଶ୍ରୀ ଶତପଥୀ ।ମହାସଂଘ ଉପରୋକ୍ତ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀ ଙ୍କ ସହ ଆଲୋଚନା ହୋଇଥିଲେ ମଧ କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ଗ୍ରହଣ ନାହାନ୍ତି।ତେଣୁ ଆଜି ଖୁ□ୁଣୀ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ରାଜ୍ୟ ମହାସଂଘ ର ସାଧାରଣ ପରିଷଦ ବୈଠକରେ ଆଲୋଚନା କରାଯାଇ ଆଗାମୀ ଦିନରେ ସରକାର ଦାବିଗୁଡ଼ିକୁ ପୂରଣ ନକଲେ ରାଜ୍ୟବ୍ୟାପୀ ଟ୍ରକ୍ ଧର୍ମଘଟ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ସଭାପତି ବିଭୂତି ଭୂଷଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ରବିନାରାୟଣ ଶତପଥୀ, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ପାଣି, ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ପ୍ରଧାନ, ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ସଭାପତି ମନୋଜ କୁମାର ମିଶ୍ର, ରାଜ୍ୟ ଉପସଭାପତି ଶିବ ପ୍ରସାଦ ମିଶ୍ର, ରାଜୀବ ଜେନା ଓ ସମ୍ପାଦକ ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ ସହ ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାମନ୍ତରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୁରୁଷୋତ୍ତମପୁରରେ ଆୟୁଷ୍ମାନ କାର୍ଡ ବଣ୍ଟନ, ସ୍ୱାସ୍ଥ୍ୟସେବାରେ ହିତାଧିକାରୀ ପାଇବେ

ପୁରୁଷୋତ୍ତମପୁର: ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ରବିବାର ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ଭାଜପାର ରାଜ୍ୟ ଉପ-ସଭାପତି ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହିକାର୍ଡର ସୁବିଧା ଓ ମହ□ ସମ୍ପର୍କରେ ଗୁରୁତ୍ୱାରୋପ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆସିକା ଏମ୍ପି ଅନିତା ଶୁଭଦର୍ଶନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ,ଏନ୍ଏସି ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଜୟନାରାୟଣ ଦାଶ, ବିଧାୟକ ପ୍ରତିନିଧି ସୁଦର୍ଶନ ବେହେରା, କାଉନସିଲର ଭାସ୍କର ବେହେରା, ଯତୀନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ସ୍ୱାସ୍ଥ୍ୟସେବାରେ କାର୍ଡର ମହ□ ସମ୍ପର୍କରେ ସଚେତନ କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶୁଭାଶିଷ ଗୋସ୍ୱାମୀ, ବିପିଏମ ରାଧାକୃଷ୍ଣ ସାବତ, ରାମେଶ୍ୱରୀ ପାଣିଗ୍ରାହୀ, ବିରଜା ବାଇଗଣ୍ଡ, ମନୋଜ ମହାରଣା ପ୍ରମୁଖ ଯୋଗଦେଇଥିଲେ।

## ରାଜ୍ୟର ପ୍ରଥମ ସରକାରୀ ୱାଟର୍ ପାର୍କ, ପର୍ଯ୍ୟଟକଙ୍କ ପାଇଁ ସାଜିବ ଆକର୍ଷଣର କେନ୍ଦ୍ରବିନ୍ଦୁ

ଭଞ୍ଜନଗର,(ମହଭାରତ): ଗଞ୍ଜାମ ଜିଲା ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ହୋଇଥିବା ରାଜ୍ୟର ପ୍ରଥମ ସରକାରୀ ସମ୍ପ୍ରସାରିତ ୱାଟର ପାର୍କ ରବିବାର ଉଦଘାଟିତ ହୋଇଯାଇଛି। ଏହା ଜଳସମ୍ପଦ ବିଭାଗ ଦ୍ୱାରା ପରିଚାଳିତ ହେଉଛ। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାହାକୁ ଉଦ୍ଘାଟନ କରିଥିଲେ। ଏଥିସହ ନବ ର୍ନିମିତ ଫୁଡ କୋର୍ଟକୁ ମଧ ବିଧାୟକ ଉଦଘାଟନ କରିଛନ୍ତି। ୱାଟର ପାର୍କ ଉଦ୍ଘାଟନ ଅବସରରେ ବିଧାୟକ ନାୟକ କହିଥିଲେ ଯେ ଉକ୍ତ ପାର୍କକୁ ରାଜ୍ୟର ଏକ ନମ୍ବର ପାର୍କ



କରାଯିବ। ଏଥିପାଇଁ ପଦକ୍ଷେପ ନିଆଯାଇଛି। ୱାଟର ପାର୍କ ଖୋଲିବା ପରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକମାନେ ଆସି ତାହାର ମଜା ଉଠାଇବେ। ଆଗାମୀ ଦିନରେ ଭଞ୍ଜନଗର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେବ। ଏଥିସହ ଆମ ଅଞ୍ଚଳର ଅନେକ ପରିବାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଆତ୍ମର୍ନିଭରଶୀଳ ହୋଇପାରିବେ ବୋଲି ସେ କହିଥିଲେ।କାର୍ଯ୍ୟକ୍ରମରେ ଉପ ଜିଲାପାଳ ଉମା ଶଙ୍କର ବେହେରା, ଏନ୍ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧକ୍ଷ ନରି ସଭା ନାୟକ, ଭାଜପା ଘୁମୁସର ସାଂଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର, ଏମ୍ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସନ୍ତୋଷ ତିଆଡି, ରବିନ୍ଦ୍ର ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।ସୂଚନା ଯୋଗ୍ୟ ଯେ ୨୦୨୪ ମସିହା ଜାନୁୟାରୀ ୨୬ ତାରିଖରେ ୱାଟର ପାର୍କ ଖୋଲିଥିଲା। ଏହା ୬ ମାସ ଚାଲିବା ପରେ ପରିଚାଳନାଗତ ତ୍ରୁଟି ଯୋଗୁ ତାହା ବନ୍ଦ ହୋଇଯାଇଥିଲା। କିଛି ମାସ ପୂର୍ବେ ବିଧାୟକ ନାୟକ ଜାଣିବା ପରେ ତାହା ପୁଣି କିଭଳି ଚାଲିବ ସେଥିପାଇଁ ବ୍ୟବସ୍ଥା କରିଥିଲେୟ ୱାଟର ପାର୍କର କିଛି କାର୍ଯ୍ୟ ସମ୍ପ୍ରସାରଣ କରାଯିବା ସହ ଆଉ କିଛି କାର୍ଯ୍ୟକୁ ମରାମତି କରାଯାଇ ପୁଣି ଆଜିଠୁ ଖୋଲିବା ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ ଅଞ୍ଚଳବାସି ଖୁସିବ୍ୟକ୍ତ କରିବା ସହ ବିଧାୟକଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ସୋମବାର, ୫ ମଇ, ୨୦୨୫




## ଜମ୍ମୁ-କାଶ୍ମୀରରେ ଅଘଟଣ, ୩ ସୈନିକଙ୍କ ମୃତ୍ୟୁ

ଜମ୍ମୁ ଓ କାଶ୍ମୀର : ଜମ୍ମୁ ଓ କାଶ୍ମୀରର ରାମବନ ଜିଲ୍ଲାରେ ଘଟିଲା ଅଘଟ। ଜାତୀୟ ରାଜପଥ ୪୪ର ବ୍ୟାଟେରୀ ଚଷମା ନିକଟରେ ଖସିଲା ଟ୍ରକ । ଟ୍ରକଟି ୨୦୦ ରୁ ୩୦୦ ମିଟର ଗଭୀର ଘାଟିକୁ ଖସିପଡ଼ିବାରୁ ୩ ଜଣ ସେନା ।



ସୈନିକଙ୍କ ଜୀବନ ଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । ତେବେ ଦୁର୍ଘଟଣା ସମୟରେ ସେନା ବାହିନୀରେ କେତେ ଜଣ ଥିଲେ ତାହା ସ୍ପଷ୍ଟ ହୋଇନାହିଁ । ସୂଚନା ଅନୁସାରେ ପୋଲିସ, ଏସଡିଆରଏଫ, ସେନା ଓ ସ୍ଥାନୀୟ ଲୋକେ ଉଦ୍ଧାର ଅଭିଯାନରେ ସାମିଲ ହୋଇଥିଲେ । ମୃତ ଯବାନଙ୍କ ଶବ ଉଦ୍ଧାର କରି ରାମବନ ଜିଲ୍ଲା ହସ୍ପିଟାଲ ପହଞ୍ଚା ଯାଇଛି । ଦୁର୍ଘଟଣାର ସୂଚନା ମିଳିବାମାତ୍ରେ ରାମବନ ପୋଲିସ ଓ କ୍ୟୁଆରଟି ତୁରନ୍ତ ପ୍ରତିକ୍ରିୟା ଦେଇଥିଲେ । କ୍ୱିକ୍ ରିଆକ୍ସନ ଟିମ୍ (ଛଜଞ୍ଚ), ପୋଲିସ, ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଝଉଜର), ସେନା ଏବଂ ସ୍ଥାନୀୟ ସ୍ୱେଚ୍ଛାସେବକମାନଙ୍କୁ ସାମିଲ କରି ଏକ ଦ୍ରୁତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଦୁର୍ଘଟଣାରେ ମୃତ ଯବାନଙ୍କ ଚିହ୍ନଟ ହୋଇଛି । ସେମାନଙ୍କୁ ଅମିତ କୁମାର, ସୁଜିତ କୁମାର ଓ ମନ ବାହାଦୂର ଭାବେ ଚିହ୍ନଟ କରାଯାଇଛି । ଘଟଣା ସ୍ଥଳରେ ରେସକ୍ୟୁ ଅପରେସନ ଜାରି ରହିଛି । ସେନା, ପୋଲିସ ଓ ଏସଡିଆରଏଫ ସ୍ଥାନୀୟ ଲୋକଙ୍କ ସହଯୋଗରେ ରେସ୍କ୍ୟୁ ଅପରେସନ ପାରିଚାଳାନା କରିଛନ୍ତି । ତେବେ ଦୁର୍ଘଟଣାର କାରଣ ଜଣାପଡି ନାହିଁ ।

## ୩ବର୍ଷ ଝିଅକୁ ସମାଧି

ମଧ୍ୟପ୍ରଦେଶ : କୁନି ଝିଅକୁ ଜୀବନ୍ତ ସମାଧି । ବ୍ରେନ ଟ୍ୟୁମରରେ ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ଶେଷରେ ବାପା ମା ନେଇଛନ୍ତି ଚରମ ନିଷ୍ପତ୍ତି । ମଧ୍ୟପ୍ରଦେଶ ବର୍ଷା ଓ ପିୟୁଷଙ୍କ ଝିଅ ବ୍ରେନ ଟ୍ୟୁମର୍ରରେ ଅସୁସ୍ଥ ହେବା ପରେ ଦୀର୍ଘଦିନ ହେବ ମୁମ୍ବାଇର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ତଥାପି ସ୍ୱାସ୍ଥ୍ୟବସ୍ଥାର କୌଣସି ଉନ୍ନତି ନଦେଖାଯିବା ପରେ ଦିନକୁ ଦିନ ବିଗୁଡୁଥିଲା । ଜୈନ ଧର୍ମ ଗୁରୁଙ୍କ ସହ ପରାମର୍ଶ ଲୋଡି ଶେଷରେ ଝିଅକୁ ସମାଧି ଦେଇଛନ୍ତି ବାପା ମା । ଜୈନ ଧର୍ମରେ ସନ୍ଥାର ଏକ ପ୍ରକିୟା ରହିଛି । ମନ୍ତ୍ର ଉଚ୍ଚାରଣ ଓ ବିଧିବିଧାନ ପରେ ସମାଧି ଦିଆଯାଏ ।

## ଏୟାର ଇଣ୍ଡିଆର ମେ' ୬ ପର୍ଯ୍ୟନ୍ତ ଉଡ଼ାଣ ବାତିଲ

ନୂଆଦିଲ୍ଲୀ: କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ଏୟାର ଇଣ୍ଡିଆ ବିମାନ ଗତିପଥ ବଦଳିଲା । ଦିଲ୍ଲୀରୁ ତେଲ ଆଭିଭ ଯାଉଥିବା ବିମାନ ଅବୁ ଧାବି ଅଭିମୁଖେ ଗଲା । ତେଲ ଆଭିଭ ନିକଟରେ କ୍ଷେପଣାସ୍ତ୍ର ଆକ୍ରମଣ ସୂଚନା ପାଇ ଅବୁ ଧାବି ଯାତ୍ରା କରିଥିବା ସୂଚନା ମିଳିଛି । ତେଲ ଆଭିଭରେ ଅବତରଣ କରିବାର ଘଣ୍ଟାଏ ପୂର୍ବରୁ କ୍ଷେପଣାସ୍ତ୍ର ଆକ୍ରମଣ ଆଶଙ୍କାରେ ଏୟାର ଇଣ୍ଡିଆ ବିମାନ ଆବି ଧାବୁ ଗଲା । ମେ' ୬ ଯାଏଁ ତେଲ ଆଭିଭରୁ ଦିଲ୍ଲୀ ଫେରିବାକୁ ଥିବା ବିମାନର ଉଡ଼ାଣ ବାତିଲ କରାଯାଇଥିବା ଜଣାପଡ଼ିଛି ।

## ୨ ଗୁପ୍ତଚର ଗିରଫ

ଚଣ୍ଡିଗଡ଼: ପଞ୍ଜାବ ପୁଲିସକୁ ମିଳିଛି ବଡ଼ ସଫଳତା । ଅମୃତସରରେ ଏକ ବଡ଼ ଗୁପ୍ତଚର କାଣ୍ଡର ପର୍ଦ୍ଦାଫାସ କରି ଦୁଇଜଣ ଗୁପ୍ତଚରଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ସେନାର ଗୋପନୀୟ ସୂଚନା ଲିକ୍ କରୁଥିଲେ । ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହିତ ଉଭୟଙ୍କ ସମ୍ପର୍କର ପର୍ଦ୍ଦାଫାସ ହୋଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ନାମ ପଲକ ଶେର ମସିହ ଏବଂ ସୁରଜ ମସିହ ବୋଲି ଜଣାପଡ଼ିଛି । ଉଭୟଙ୍କୁ ଅମୃତସର ଗ୍ରାମୀଣ ପୁଲିସ ଗିରଫ କରିଛି । ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତମାନେ ଶତ୍ରୁପକ୍ଷକୁ ସେନା ଶିବିର ଏବଂ ଏୟାରବେସର ଫଟୋ ପଠାଇଥିଲେ । ଉଭୟ ଅଭିଯୁକ୍ତ ଜେଲରେ ଥିବା ହରପ୍ରୀତ ସିଂହ ଓରଫ ପିଣ୍ଟୁ ଓରଫ ହାପି ମାଧ୍ୟମରେ ଆଇଏସଆଇ ସହ ସମ୍ପର୍କରେ ଥିଲେ । ଉଭୟଙ୍କ ବିରୋଧରେ ସରକାରୀ ଗୁପ୍ତ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି ।

## ରାହୁଲ ଗାନ୍ଧୀ ହିନ୍ଦୁ ଧର୍ମରୁ ବହିଷ୍କୃତ !

ନୂଆଦିଲ୍ଲୀ : ଜ୍ୟୋତିର୍ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ କଂଗ୍ରେସ ନେତା ତଥା ସାଂସଦ ରାହୁଲ ଗାନ୍ଧୀଙ୍କୁ ନେଇ ବଡ଼ ଘୋଷଣା କରିଛନ୍ତି । ରାହୁଲ ଏବେ ହିନ୍ଦୁ ଧର୍ମର ଅଂଶ ନାହାନ୍ତି, ତାଙ୍କୁ ହିନ୍ଦୁ ଧର୍ମରୁ ସାର୍ବଜନିକ ରୂପରେ



ବହିଷ୍କୃତ କରାଯାଇଥିବା ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଘୋଷଣା କରିଛନ୍ତି । ବଦ୍ରିନାଥସ୍ଥିତ ଶଙ୍କରାଚାର୍ଯ୍ୟ ଆଶ୍ରମରେ ସାମ୍ବାଦିକମାନଙ୍କ ସହିତ ଆଲୋଚନା ସମୟରେ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ କହିଛନ୍ତି ଯେ, ରାହୁଲ ଗାନ୍ଧୀ ସଂସଦରେ ମନୁସ୍ମୃତିକୁ ନେଇ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହାଦ୍ୱାରା ସମ୍ପୂର୍ଣ୍ଣ ସନାତନ ଧର୍ମାବଲମ୍ବୀଙ୍କୁ ଆଘାତ ମିଳିଛି । ରାହୁଲ ସଂସଦରେ କହିଥିଲେ ବଳାତ୍କାରୀଙ୍କୁ ବଞ୍ଚାଇବାର ସୂତ୍ର ସମ୍ବିଧାନରେ ନାହିଁ, ବରଂ ଆପଣଙ୍କ ପୁସ୍ତକ ଅର୍ଥାତ ମନୁସ୍ମୃତିରେ ଲେଖା ହୋଇଛି । ରାହୁଲଙ୍କ ଏପରି ମନ୍ତବ୍ୟ ପରେ ତାଙ୍କୁ ୩ ମାସ ପୂର୍ବେ ନୋଟିସ ପଠାଯାଇଥିଲା । ରାହୁଲ ଯେଉଁ ମନ୍ତବ୍ୟ ଦେଇଥିଲେ ତାହା ମନୁସ୍ମୃତିରେ କେଉଁଠି ଲେଖାଯାଇଛି ବୋଲି ତାହାର ଉତ୍ତର ରଖିବାକୁ ନୋଟିସରେ କୁହାଯାଇଥିଲା । କିନ୍ତୁ ୩ମାସ ପରେ ବି ରାହୁଲ ଗାନ୍ଧୀ କୌଣସି ଉତ୍ତର ଦେଇ ନ ଥିଲେ କି କ୍ଷମାପ୍ରାର୍ଥନା ବି କରି ନ ଥିଲେ । ଶଙ୍କରାଚାର୍ଯ୍ୟ କହିଛନ୍ତି, ଯେତେବେଳେ କୌଣସି ବ୍ୟକ୍ତି ବାରମ୍ବାର ହିନ୍ଦୁ ଧର୍ମଗ୍ରନ୍ଥର ଅପମାନ କରେ ଏବଂ ସ୍ପଷ୍ଟୀକରଣ ଦେବାକୁ ପଛଘୁଞ୍ଚା ଦିଏ, ସେତେବେଳେ ତା'କୁ ହିନ୍ଦୁ ଧର୍ମରେ ସ୍ଥାନ ଦିଆଯାଇପାରିବ ନାହିଁ । ବର୍ତ୍ତମାନ ରାହୁଲଙ୍କୁ ମନ୍ଦିର ପ୍ରବେଶରେ ବିରୋଧ କରାଯିବା ଦରକାର ବୋଲି ଶଙ୍କରାଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି । ରାହୁଲ ନିଜକୁ ହିନ୍ଦୁ କହିବାର ଅଧିକାର ହରାଇଥିବାରୁ ତାଙ୍କର କୌଣସି ପୂଜା ନ କରିବାକୁ ଶଙ୍କରାଚାର୍ଯ୍ୟ ପୂଜକମାନଙ୍କୁ ଅନୁରୋଧ କରିଛନ୍ତି ।

# ଭାରତ-ପାକିସ୍ତାନ ସୀମା ବିବାଦ: ଆକ୍ରମଣ କଥା ଚିନ୍ତା କରୁଛି ବାଂଲାଦେଶ

ନୂଆଦିଲ୍ଲୀ : ବାଂଲାର ସ୍ଥିତି କଣ ତାହା ପୂରା ବିଶ୍ୱ ଜାଣିଛି । ଓଳିଏ ଖାଇଲେ ଆଉ ଓଳିକୁ ଭୋକିଲା ପରିସ୍ଥିତି । ଇଏ ଆଜି କି କାଲିର କଥା ନୁହେଁ ବରଂ ବର୍ଷବର୍ଷର କଥା । କାରଣ ବାଂଲାକୁ ଅନେକ ସମୟରେ ସହାୟତାର ହାତ ବଢାଇଥାଏ ଭାରତ । ହେଲେ ଏବେ କାଶ୍ମୀର ପହଲଗାମ୍‌ରେ ଆତଙ୍କୀ ହମ୍‌ଲା ପରେ ଭାରତ ପାକିସ୍ତାନ ଉପରେ ଶକ୍ତ ପଦକ୍ଷେପ ନେବାକୁ ଯାଉଛି । ଯାହାକୁ ନେଇ ଖୋଦ୍ ପାକିସ୍ତାନ ଚିନ୍ତାରେ ଥିବା ବେଳେ ବାଂଲା ଏହାର ଫାଇଦା ଉଠାଇବାକୁ ଯାଉଛି । ଏମିତିକି ଭାରତ ଯେଉଁ ସମୟରେ ପାକିସ୍ତାନ ଉପରେ ଆକ୍ରମଣ କରିବ ସେହି ସମୟରେ ବାଂଲା ଆକ୍ରମଣ କରି ଉତ୍ତର ପୂର୍ବ ରାଜ୍ୟକୁ ନିଜ ଦଖଲ କରିବ ବୋଲି ସ୍ୱପ୍ନ ଦେଖୁଛି । ଯାହାକୁ ନେଇ ଏବେ ଚିନ୍ତା ବଢିଛି ।



ଭାରତରେ କେମିତି ଅଶାନ୍ତି ସୃଷ୍ଟି ହେବ ସେନେଇ ପଡ଼ୋଶୀ ସବୁବେଳେ ଚେଷ୍ଟାରତ । ଖାସ କରି ପାକିସ୍ତାନ, ଚାଇନା ଓ ବାଂଲାଦେଶ ଏକାଠି ଷଡ଼ଯନ୍ତ୍ର କରୁଥିବା ପରି ମନେ ହେଉଛି । ଗୋଟିଏ ପଟେ ପହଲଗାମ୍ ଆକ୍ରମଣରେ ପାକିସ୍ତାନର ସଂପୃକ୍ତି ଥିବା ଜଣାପଡ଼ିବା ପରେ ଭାରତ କୂଟନୈତିକସ୍ତରରେ ପାକ୍‌କୁ ଏକଘରକିଆ କରିବାକୁ ଚେଷ୍ଟା କରୁଛି । ହେଲେ ଚୀନ କିନ୍ତୁ ପାକିସ୍ତାନ ପ୍ରେମରେ ଉବୁଟୁବୁ ହେଉଛି । କିନ୍ତୁ ଭାରତ ସବୁ ପ୍ରମାଣ ଏକାଠି କରି ପାକିସ୍ତାନକୁ ପାନେ ଦେବାକୁ ଅଣ୍ଟା ଭିଡ଼ିଛି । ପାକିସ୍ତାନ ଚୀନ କଥାରେ ବସଉଠ୍ ? ହେଉଛି ଏଥିରେ କୌଣସି ସନ୍ଦେହ ନାହିଁ । ହେଲେ ପଡ଼ୋଶୀ ବାଂଲାଦେଶ ବି ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଛି ଜଣାପଡ଼ିବା ପରେ ସବୁଠି ଚର୍ଚ୍ଚା । ଭାରତ ଉପରେ ଯେବେ ବି ପାକିସ୍ତାନ ଆକ୍ରମଣ କରିବ ତାହାର କଡ଼ା ମୁକାବିଲା କରିବ ଭାରତ । ହଁ, ଏହା ସତ୍ୟ ଯେ ଭାରତର ଅନେକାଂଶ ସ୍ଥାନ କ୍ଷତି ସହିବ । ହେଲେ ପାକିସ୍ତାନ ବିଶ୍ୱ ମ୍ୟାପ୍‌ରୁ ହଜିଯିବ ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏବେ ପୁଣି ବାଂଲା କହୁଛି ଭାରତ ଉପରେ ଆକ୍ରମଣ କରି କିଛି ରାଜ୍ୟକୁ ନିଜ ଅଧୀନକୁ ନେବ । ଏହା କେବଳ ସ୍ୱପ୍ନ କହିଲେ କିଛି ଭୁଲ୍ ହେବ ନାହିଁ । ଅନ୍ତର୍ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କ ଘନିଷ୍ଠ ଭାବେ ଜଣାଶୁଣା ଅବସରପ୍ରାପ୍ତ ମେଜର ଜେନେରାଲ ଏଏଲ୍‌ଏମ୍ ଫଜଲୁର ରେହମାନ କହିଛନ୍ତି, ଯଦି ନୂଆଦିଲ୍ଲୀ ପାକିସ୍ତାନ ଉପରେ ଆକ୍ରମଣ କରେ ତେବେ ତାଙ୍କ ଦେଶ ଭାରତର ସାତୋଟି ଉତ୍ତର-ପୂର୍ବ ରାଜ୍ୟ ଉପରେ ଆକ୍ରମଣ କରି ଦଖଲ କରିନେବା ଉଚିତ । ଏହି ଲକ୍ଷ୍ୟ ହାସଲ ପାଇଁ ଚୀନ୍‌ର ସହଯୋଗ ଲୋଡ଼ିବାକୁ ମଧ୍ୟ ସେ ଆହ୍ୱାନ ଦେଇଛନ୍ତି ।

ଭାରତରେ କେମିତି ଅଶାନ୍ତି ସୃଷ୍ଟି ହେବ ସେନେଇ ଚୀନ୍ ସବୁବେଳେ ଚକ୍ରାନ୍ତ କରେ । ହେଲେ ଏବେ ଚୀନ୍ ଚାଲ୍ ?ର ପର୍ଦ୍ଦାଫାସ ହୋଇଛି । ପୂର୍ବରୁ ମାର୍ଚ୍ଚ ମାସରେ ମହମ୍ମଦ ୟୁନୁସ୍ ଚୀନ୍ ଗସ୍ତ ସମୟରେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଉପରେ ମନ୍ତବ୍ୟ ଦେବା ପରେ ଉତ୍ତେଜନା ଦେଖାଦେଇଥିଲା । ଭାରତର ପୂର୍ବ ଭାଗରେ ଥିବା ସାତୋଟି ରାଜ୍ୟକୁ ସାତ ଭଉଣୀ କୁହାଯାଏ । ଏହା ଭାରତର ଏକ ଭୂମିଘେରା ଅଞ୍ଚଳ । ସମୁଦ୍ରରେ ପହଞ୍ଚିବା ପାଇଁ ଏହି ରାଜ୍ୟମାନଙ୍କ ପାଖରେ କୌଣସି ଉପାୟ ନାହିଁ । ବାଂଲାଦେଶ ଏହି ଅଞ୍ଚଳରେ 'ସମୁଦ୍ରର ଏକମାତ୍ର ରକ୍ଷକ' । ଏହା ଚୀନ ପାଇଁ ଏକ ବିରାଟ ଅର୍ଥନେ ?ତିକ ସୁଯୋଗ ମଧ୍ୟ । ଏପରି ଲୋଭ ଦେଖାଇ ବା ଯୁକ୍ତି ରଖି ୟୁନୁସ୍ ଚୀନକୁ ବାଂଲାଦେଶରେ ନିବେଶ ପାଇଁ ଆମନ୍ତ୍ରଣ କରିଥିଲେ । ଆଉ ଏବେ ଭାରତ ବିରୋଧରେ ବି ଷଡ଼ଯନ୍ତ୍ର କେମିତି ରଚାଯାଉଛି ତାହା ସ୍ପଷ୍ଟ ହେଲାଣି ।

## କରାଚିରେ ପହଞ୍ଚିଲା ତୁର୍କୀ ଯୁଦ୍ଧ ଜାହାଜ



ନୂଆଦିଲ୍ଲୀ : ଜାମ୍ମୁ-କାଶ୍ମୀରର ପହଲଗାଓଁରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହା ପରଠାରୁ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଭାରତର ଆକ୍ରମଣ ଭୟରେ ଥରହର ହୋଇପଡ଼ିଛି ପାକିସ୍ତାନ । ଏଣୁ ପାକ୍ ? ପ୍ରଧାନମନ୍ତ୍ରୀ ଶେହୱାଜ ସରିଫ ସମର୍ଥନ ହାତେଇବା ଲାଗି ତୁର୍କୀ ରାଷ୍ଟ୍ରପତି ରେଚେପ ତୈୟେପ ଏର୍ଦୋଗାନଙ୍କ ଶରଣ ପଶିଛନ୍ତି । କରାଚିରେ ପହଞ୍ଚିଛି ତୁର୍କୀର ଯୁଦ୍ଧ ଜାହାଜ 'ଟିସିଜି ବୁୟୁକାଡା' । ନିକଟରେ କିଛି ଦିନ ତଳେ ତୁର୍କୀ ଯୁଦ୍ଧ ବିମାନ ପଠାଇଥିବା ନେଇ ଚର୍ଚ୍ଚା ହୋଇଥିଲା । ତେବେ ତୁର୍କୀ ଯୁଦ୍ଧ ଜାହାଜ ପଠାଇବା ପ୍ରସଙ୍ଗ ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସହଯୋଗ ବୃଦ୍ଧି ଦିଗରେ ଏକ ପଦକ୍ଷେପ ବୋଲି କୁହାଯାଉଛି । ଭାରତ ପାକିସ୍ତାନକୁ ଆତଙ୍କବାଦୀ ଆକ୍ରମଣର ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ତୁର୍କୀର ଏହି ପଦକ୍ଷେପ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।

## ଦେଶବାସୀ ଯାହା ଚାହୁଁଛନ୍ତି ଠିକ୍ ସେମିତି ହେବ: ରାଜନାଥ

ନୂଆଦିଲ୍ଲୀ : ପହଲଗାମ ଆକ୍ରମଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀଙ୍କ ବଡ଼ ବୟାନ । ଆତଙ୍କବାଦ ଓ ଏହାର ପୃଷ୍ଠପୋଷକଙ୍କୁ ଦିଆଯିବ ମୁହଁତୋଡ଼ ଜବାବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶ ଯାହା ଚାହୁଁଛି ସେମିତି ହେବ, ସୈନିକମାନଙ୍କ ସହ ଦେଶର ସୀମାର ସୁରକ୍ଷାକୁ ସୁନିଶ୍ଚିତ କରାଯିବ



ବୋଲି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ । ଦେଶବାସୀ ପ୍ରଧାନମନ୍ତ୍ରୀଙ୍କୁ ଭଲ ଭାବେ ଜାଣନ୍ତି, ମୋଦୀଙ୍କ କାର୍ଯ୍ୟଶୈଳୀ ସହ ସମସ୍ତେ ପରିଚିତ । ବିପଦ ସମୟରେ ପ୍ରଧାନମନ୍ତ୍ରୀ କିଭଳି ଏହାର ମୁକାବିଲା କରନ୍ତି ତାହା କେବଳ ଦେଶ ନୁହେଁ ବିଶ୍ୱ ବି ଦେଖିଛି । ପହଲଗାମ ଆତଙ୍କୀ ହମଲାରେ ସମ୍ପୃକ୍ତ ଜଣକୁ ବି ଛଡ଼ାଯିବନାହିଁ । ଦେଶ ଯେମିତି ଚାହୁଁଛି ସେମିତି ହିଁ ହେବ । ସମ୍ପୂର୍ଣ୍ଣ ସୁରକ୍ଷା ଦାୟିତ୍ୱ ମୋର ବୋଲି ରାଜନାଥ କହିଛନ୍ତି । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଆତଙ୍କୀଙ୍କ ଉପରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ପାଇଁ ଦେଇସାରିଛନ୍ତି ଚେତାବନୀ ।

## ଆତଙ୍କବାଦୀଙ୍କ ଟାର୍ଗେଟରେ ମୋଦୀ ! ଗୁଇନ୍ଦାର ସାଂଘାତିକ ଖୁଲାସା

ନୂଆଦିଲ୍ଲୀ : ଜମ୍ମୁ ଓ କଶ୍ମୀରର ପହଲଗାମରେ ଗତ ଏପ୍ରିଲ ୨୨ ତାରିଖରେ ଘଟିଥିବା ଭୟଙ୍କର ଆତଙ୍କବାଦୀ ହମଲାରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଏବେ ଗୁପ୍ତଚର ସୂଚନାରୁ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି ଯେ, ଆତଙ୍କବାଦୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରି ଏକ ବଡ଼ ହମଲାର ଯୋଜନା କରୁଥିଲେ । ଗୁପ୍ତଚର ସୂଚନା ଅନୁଯାୟୀ, ଆତଙ୍କବାଦୀମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏପ୍ରିଲ ୧୯ ତାରିଖରେ ଜମ୍ମୁ ଓ କାଶ୍ମୀର ଗସ୍ତ ସମୟରେ ହମଲା କରିବାର ଯୋଜନା କରୁଥିଲେ । ମୋଦୀ ଏହି ଗସ୍ତରେ କଟରା-ଶ୍ରୀନଗର ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ଟ୍ରେନ ସେବାର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ ଏହି କାର୍ଯ୍ୟକ୍ରମ ସ୍ଥଗିତ ହେବା ଯୋଗୁଁ ଆତଙ୍କୀମାନେ ପହଲଗାମର ବୈସରଣ ଉପତ୍ୟକାରେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଏହି ନୃଶଂସ ହମଲା କରିଥିଲେ । ଏହି ଘଟଣାରେ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇ ଏବଂ ଲସ୍କର-ଏ-ତୋଇବା (ଏଲଇଟି) ସହ ଜଡିତ ଥିବା ସୂଚନା ମିଳିଛି । ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ର ତଦନ୍ତରୁ ଜଣାପଡିଛି ଯେ, ହମଲାର କିଛି ଦିନ ପୂର୍ବରୁ ଗୁପ୍ତଚର ସଂସ୍ଥାମାନେ ଶ୍ରୀନଗର ଏବଂ ଆଖପାଖ ଅଞ୍ଚଳରେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଆତଙ୍କୀ ହମଲାର ସମ୍ଭାବନା ଥିବା ସୂଚନା ପାଇଥିଲେ । ତେବେ ଏହି ସୂଚନା ଖୁବ ନିର୍ଦ୍ଦିଷ୍ଟ ନ ଥିଲା, ଯାହା ଯୋଗୁଁ ଏହାକୁ ପୂର୍ବରୁ ରୋକାଯାଇ ପାରିନଥିଲା । ଏନଆଇଏ ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ, ହମଲାରେ ଚାରି ଆତଙ୍କୀ ମଧ୍ୟରୁ ଦୁଇଜଣ ଦକ୍ଷିଣ କଶ୍ମୀରର ଏବଂ ଦୁଇଜଣ ପାକିସ୍ତାନୀ ନାଗରିକ ଥିଲେ ।

## ଚୀନ୍‌ରେ ନୌକା ଦୁର୍ଘଟଣା: ୨୦ ନିଖୋଜ

ବେଜିଂ : ଦକ୍ଷିଣ-ପଶ୍ଚିମ ଚୀନ ଗୁଇଝୋଉ ପ୍ରାନ୍ତରେ ୭୦ ଜଣ ଲୋକଙ୍କୁ ନେଇ ଯାଉଥିବା ଦୁଇଟି ନୌକା ଭୂ ନଦୀରେ ଓଲଟି ପଡିଛନ୍ତି । ୫୦ ଜଣ ଲୋକେ ଉଦ୍ଧାର ହୋଇ କୂଳକୁ ପହଞ୍ଚିଥିବା ବେଳେ ୨୦ ଜଣ ଯାତ୍ରୀ ନିଖୋଜ ଥିବା ଜଣାପଡିଛି । ସରକାରୀ ସମ୍ବାଦ ସରବରାହ ସଂସ୍ଥା ସିହ୍ନୁଆ ଏହି ସୂଚନା ଦେଇଛି । ଡଙ୍ଗା ଦୁଇଟି ନଦୀ ପାର କରୁଥିବା ବେଳେ ପାଗ ଖରାପ ହେବା ଯୋଗୁ ଦୁର୍ଘଟଣା ଘଟିଛି । ଝଡ ତୋଫାନ ସହ କୁଆପଥର ବର୍ଷାରେ ନୌକା ଦୁଇଟି ଓଲଟି ପଡି ବୁଡି ଯାଇଛି । ଚୀନର ସବୁଠୁ ଦୀର୍ଘତମ ନଦୀ ୟାଙ୍ଗତଜୀର ସହାୟକ ନଦୀ ହେଉଛି ଭୂ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ନୌକା ଦୁର୍ଘଟଣାସ୍ଥଳରେ ନଦୀର ଗଭୀରତା ଅଧିକ । କିଛି ଲୋକେ ପହଁରି ପହଁରି କୂଳକୁ ଆସିଥିବା ବେଳେ ଅନ୍ୟମାନଙ୍କୁ ଉଦ୍ଧାରକାରୀ ଦଳ କୂଳକୁ ପହଞ୍ଚାଇଛନ୍ତି । ଏହି କ୍ରମରେ ମୋଟ ୫୦ ଜଣ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ୨୦ ଜଣଙ୍କ ପତା ମିଳୁ ନାହିଁ । ନଦୀରେ ଉଦ୍ଧାର କାର୍ଯ୍ୟ ଏବେବି ଜାରି ରହିଛି । ଗୁଇଝୋଉର କିୟାନକ୍ସୀ ଅଞ୍ଚଳରେ ଅନ୍ୟ ଲୋକଙ୍କୁ ସନ୍ଧାନ କରାଯାଉଛି । ଏହି ଦୁର୍ଘଟଣା ମଧ୍ୟାହ୍ନରେ ହୋଇଛି । ଝଡ଼ ତୋଫାନ ଆସିବାରୁ ନଦୀରେ ଉଚ୍ଚା ଉଚ୍ଚା ଲହଡି ଉଠିଥିଲା । ଏଥିରେ ଆଗପଛ ହୋଇ ଚାଲୁଥିବା ଡଙ୍ଗା ଦୁଇଟି ଅସ୍ଥିର ହୋଇପଡିଥିଲା । ଭୀଷ ଝଡତୋଫାନ ସହ କୁଆ ପଥର ବର୍ଷାରେ ଡଙ୍ଗା ଦୁଇଟି ସନ୍ତୁଳନ ହରାଇ ଓଲଟି ପଡିଥିଲେ । ଫଳରେ ଏଥିରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ନଦୀରେ ବୁଡି ଯାଇଥିଲେ । ନୌକା ଦୁର୍ଘଟଣା ସୂଚନା ପାଇ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣା ସ୍ଥଳକୁ ପହଞ୍ଚିବା ସହ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।

## ଇସ୍ରାଏଲ ବିମାନବନ୍ଦରରେ ହୁତି ଆତଙ୍କବାଦୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣ

ନୂଆଦିଲ୍ଲୀ : ଇସ୍ରାଏଲର ବେନ୍ ଗୁରିୟନ ବିମାନବନ୍ଦରରେ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଛି । ହୁତି ଆତଙ୍କବାଦୀମାନଙ୍କ ଦ୍ୱାରା ଏହି ଆକ୍ରମଣ କରାଯାଇଛି । ଏଥିରେ ୬ ନାଗରିକ ଆହତ ହୋଇଥିବା ସୂଚନା ମିଳିନାହିଁ । ଏହି ଘଟଣା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଜରୁରୀ ବୈଠକ ଡକାଇଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କ୍ୟାଟ୍‌ଜ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ବୈଠକ କରିବେ । ତା' ସହିନ୍ଦ ସନ୍ଧ୍ୟାରେ ମନ୍ତ୍ରିମଣ୍ଡଳ ବୈଠକ ଅନୁଷ୍ଠିତ ହେବ । ୟେମେନରେ ରହି ଆକ୍ରମଣ ଚଳାଇଥିବା ହୁତି ଆତଙ୍କବାଦୀଙ୍କୁ କିପରି ଦମନ କରାଯିବ ସେ ଦିଗରେ ବୈଠକରେ ସ୍ଥିର ହେବ ବୋଲି ସୂଚନା ମିଳିଛି । ଖୁବଶୀଘ୍ର ଇସ୍ରାଏଲ ପକ୍ଷରୁ ଆକ୍ରମଣ କରାଯିବାର ସମ୍ଭବନା ମଧ୍ୟ



ରହିଛି । ରବିବାର ବେନ ଗୁରିୟନ ବିମାନବନ୍ଦର ଉପରେ ହୁତି ଆତଙ୍କବାଦୀମାନେ କ୍ଷେପଣାସ୍ତ୍ର ମାଡ଼ କରିଥିଲେ । ଇସ୍ରାଏଲ ସୁରକ୍ଷା କର୍ମୀମାନେ ଆକ୍ରମଣକୁ ରୋକିବାରେ ବିଫଳ ହୋଇଥିଲେ । ଆକ୍ରମଣ ପରେ ଏଠାରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି । ତେବେ ଏହି ଆକ୍ରମଣ ଜବାବରେ ୭ଗୁଣ ଅଧିକ ତୀବ୍ର ଆକ୍ରମଣ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କ୍ୟାଟ୍‌ଜ କହିଛନ୍ତି ।

# ପାକିସ୍ତାନକୁ ଚେନାବ ନଦୀ ପାଣି ବନ୍ଦ କଲା ଭାରତ

ନୂଆଦିଲ୍ଲୀ : ପହଲଗାଓଁ ଆକ୍ରମଣ ପରେ ପାକିସ୍ତାନକୁ କୂଟନୈତିକ ସ୍ତରରେ ଆଉ ଏକ ବଡ଼ ଝଟକା ଦେଇଛି ଭାରତ । ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ରଦ୍ଦ କରିବା ପରେ ଏବେ ଚେନାବ ନଦୀ ଜଳକୁ ବନ୍ଦ କରିଦେଇଛି । ଚେନାବ ନଦୀର ବଗଲିହାର ଡ୍ୟାମରୁ ପାକିସ୍ତାନକୁ ଯାଉଥିବା ପାଣିକୁ ଭାରତ ଅଟକାଇଦେଇଛି । ଏହା ସହିତ କିଶନଗଙ୍ଗା ଡ୍ୟାମରୁ ବି ପାକିସ୍ତାନକୁ ଜଳ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ



ଯୋଜନା ଚାଲିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ଜାମ୍ମୁର ରାମବନଠାରେ ବଗଲିହାର ଏବଂ ଉତ୍ତର କାଶ୍ମୀରର କିଶନଗଙ୍ଗା ଜଳବିଦ୍ୟୁତ ଡ୍ୟାମ ଜରିଆରେ ଭାରତ ନିଜ ଆଡୁ ପାଣି ଛାଡ଼ିବାର ସମୟକୁ ନିୟନ୍ତ୍ରଣ କରିପାରିବ । ଅର୍ଥାତ ଏହି ଡ୍ୟାମ ଜରିଆରେ ପାକିସ୍ତାନକୁ ଛଡ଼ାଯାଉଥିବା ଜଳ ବିନା କୌଣସି ପୂର୍ବ ସୂଚନା ଦେଇ ରୋକାଯାଇ ପାରିବ ଏବଂ ମାତ୍ରାଧିକ ଜଳ ଛଡ଼ାଯାଇ ପାରିବ । ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ଭାରତ-ପାକିସ୍ତାନ ମଧ୍ୟରେ ୧୯୬୦ରେ ସିନ୍ଧୁ ଜଳ ଚୁକ୍ତି କରାଯାଇଥିଲା । ଏହା ଅଧୀନରେ ସିନ୍ଧୁ ନଦୀ ଏବଂ ଏହାର ଉପନଦୀଗୁଡ଼ିକର ପାଣିକୁ ଦୁଇ ଦେଶ ମଧ୍ୟରେ ଆବଣ୍ଟନ କରିବାକୁ ନିଷ୍ପତ୍ତି ହୋଇଥିଲା । ଚେନାବ ନଦୀରେ ତିଆରି ହୋଇଥିବା ବଗଲିହାର ଡ୍ୟାମକୁ ନେଇ ବି ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଦୀର୍ଘ ସମୟରୁ ବିବାଦ ରହିଆସିଥିଲା । ପାକିସ୍ତାନ ପୂର୍ବରୁ ବିଶ୍ୱବ୍ୟାଙ୍କକୁ ଏହି ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ଦାବି କରିଥିଲା ।

# ରୋମାଞ୍ଚକ ମ୍ୟାଚରେ ୧ ରନରେ ଜିତିଲା କେକେଆର

କୋଲକାତ,୪।୫। ବୃଥା ହେଲା ରିୟାନ ପରାଗଙ୍କ ଲଢୁଆ। ବିସ୍ଫୋରକ ଇନିଂସ। ଆଇପିଏଲ୍ ୨୦୨୫ର ୫୩ତମ ରୋମାଞ୍ଚକର ମୁକାବିଲାରେ ବାଜି ମାରିଲା କୋଲକାତା ନାଇଟ୍ ରାଇଡର୍ସ ପୂର୍ବରୁ ଚଳିତ ସିଜିନର ପ୍ଲେ ଅଫ୍ ଦୌଡ଼ରୁ ରାଜସ୍ଥାନ ବାଦ୍ ପଡ଼ି ସାରିଥିବା ବେଳେ ଏହି ମ୍ୟାଚ୍ ଜିତିବା କେକେଆର ପାଇଁ ଜରୁରୀ ଥିଲା। ଆଉ ମ୍ୟାଚ୍‌କୁ ମାତ୍ର ୧ ରନରେ ଜିତି ପ୍ଲେ ଅଫ୍ ଆଶା ଉଜ୍ଜିବୀତ ରଖି ପାରିଛି କୋଲକାତା। ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୪ ୱିକେଟ୍ ହରାଇ ୨୦୬ ରନ କରିଥିଲା ଆନ୍ଦ୍ରେ ରସେଲ ୫୭ ରନ, ଅଙ୍ଗକୃଷ ରଘୁବଂଶୀ ୪୪ ରନର ଇନିଂସ ଖେଳିଥିଲେ। ଜବାବରେ ରାଜସ୍ଥାନ ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ହରାଇ ୨୦୫ ରନ କରି ପାରିଛି। ରିୟାନ ପରାଗ ୯୫ ରନର ଲଢୁଆ। ଇନିଂସ ଖେଳିଥିଲେ ହେଁ ଦଳକୁ ପରାଜୟରୁ ବଞ୍ଚାଇ ପାରି ନାହାନ୍ତି।ଜୟସ୍ୱାଲ ୩୪ ରନ କରିଥିଲେ। ଶେଷ ଓଭରରେ ଦଳକୁ ଜିତିବା ପାଇଁ ୨୨ ରନ ଦରକାର ଥିବା ବେଳେ ଦଳ ୨୦ ରନ କରି ପାରିଥିଲା।



୨୦୭ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ରାଜସ୍ଥାନ ରୟାଲ୍ସର ଆରମ୍ଭ ଅତ୍ୟନ୍ତ ନୈରାଶ୍ୟଜନକ। ଥିଲା ୮ ରନ ସ୍କୋରରେ ବୈଭବ(୪ ରନ) ଓ କୁନାଲ ସିଂ ରାଠୋର(୦) ଆଉଟ୍ ହୋଇଥିଲେ। ଏହା ପରେ ଯଶସ୍ୱୀ ଜୟସସ୍ୱଲ ଓ ରିୟାନ ପରାଗ ତୃତୀୟ ୱିକେଟ୍‌ରେ ୫୬ ରନ ଯୋଡ଼ି ଦଳର ସ୍ଥିତି ସୁଧାରିଥିଲେ। ତେବେ ମଧ୍ୟକ୍ରମରେ ରିୟାନ ପରାଗଙ୍କୁ ବାଦ୍ ଦେଲେ ବାକି ବ୍ୟାଟର ନିରାଶ କରିଥିଲେ।ଲ ଧ୍ରୁବ ଜୁରେଲ ଓ ୱାନିନ୍ଦୁ ହସରଙ୍ଗା ଖାତା ଖୋଲି ପାରି ନ ଥିଲେ। ୭୧ ରନରେ ୫ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା ରାଜସ୍ଥାନ।

ତେବେ ରିୟାନ ପରାଗ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ମ୍ୟାଚ୍‌ରେ ପ୍ରତାବ□ନ କରାଇଥିଲେ ସେ ଏବଂ ସିମରନ ହେଟମାୟର ୯୨ ରନ ଯୋଡ଼ିଥିଲେ। ହେଟମାୟର ୨୯ ରନ କରି ପାଭିଲିୟନ ଫେରିଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ରିୟାନ ପରାଗ ୫ ରନ ଦୂରରେ ରହି ଯାଇଥିଲେ। ସେ ୪୫ ବଲରୁ ୬ ଚୌକା ଓ ୮ ଛକା ସହ ୯୫ ରନ କରି ଆଉଟ୍ ହୋଇଥିଲେ। ତାଙ୍କ ଆଉଟ୍ ସହ ରାଜସ୍ଥାନର ବିଜୟ ଆଶା ମଉଳିଥିଲା କିନ୍ତୁ ଶେଷ ଓଭରରେ ମ୍ୟାଚ୍ ରୋମାଞ୍ଚକର ହୋଇଥିଲା। ଶେଷ ଓଭରରେ ଜିତିବା ପାଇଁ ରାଜସ୍ଥାନକୁ ୨୨ ରନ ଦରକାର ଥିଲା କିନ୍ତୁ ଦଳ ୨୦ ରନ କରି ପାରିଥିଲା। ଶେଷ ବଲରେ ୩ ରନ ଦରକାର ଥିଲେ ହେଁ ଦଳ କରି ପାରି ନ ଥିଲା। ଶୁଭମ ଦୁବେ ୨୫ ରନ କରି ଅପରାଜିତ ଥିଲେ ରାଜସ୍ଥାନ ୮ ୱିକେଟ୍ ହରାଇ ୨୦୫ ରନ କରି ପାରିଥିଲା।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୦୮ | ୦୩ | ୧୬ |
| ପଞ୍ଜାବ କିଙ୍ଗ୍ସ | ୧୧ | ୦୭ | ୦୩ | ୧୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୦୭ | ୦୪ | ୧୪ |
| ଗୁଜରାଟ ଟାଇଟନ୍ସ | ୧୦ | ୦୭ | ୦୩ | ୧୪ |
| ଦିଲ୍ଲୀ କ୍ୟାପିଟାଲ୍ | ୧୦ | ୦୬ | ୦୪ | ୧୨ |
| କୋଲକାତା ନାଇଟ୍ ରାଇଡର୍ସ | ୧୧ | ୦୫ | ୦୫ | ୧୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୧ | ୦୫ | ୦୬ | ୧୦ |
| ରାଜସ୍ଥାନ ରୟାଲ୍ସ | ୧୨ | ୦୩ | ୦୯ | ୦୬ |
| ସନରାଇଜର୍ସ ହାଇଦ୍ରାବାଦ | ୦୯ | ୦୩ | ୦୬ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୦୨ | ୦୯ | ୦୪ |

# ଗୋଆ ଦ୍ୱିତୀୟ ଥର ଚାମ୍ପିୟନ

ଭୁବନେଶ୍ୱର,୪।୫: କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି ବୋର୍ଜା ହେରେରା ଗୋଞ୍ଜାଲେଜଙ୍କ ଡବଲ ଗୋଲ ବଳରେ ଏଫ୍‌ସି ଗୋଆ। ୩-୦ ଗୋଲରେ ଜାମଶେଦପୁର ଏଫ୍‌ସିକୁ ହରାଇ ଚାମ୍ପିୟନ ହୋଇଛି। ପୂର୍ବରୁ ୨୦୧୯ରେ ଚାମ୍ପିୟନ ହୋଇଥିବା ଗୋଆ। ପ୍ରଥମ ଦଳଭାବେ ୨ ଥର ଟାଇଟଲ ଜିତିବାକୁ ସକ୍ଷମ ହୋଇଛି। ଡବଲ ଗୋଲ ସ୍କୋରର ବୋର୍ଜା ଗୋଞ୍ଜାଲେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବିଧାୟକ ଜୟନାରାୟଣ ମିଶ୍ର, ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ସଭାପତି କଲ୍ୟାଣ ଚୌବେ, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ଚାମ୍ପିୟନ ଗୋଆ। ଦଳକୁ ଟ୍ରଫି ଓ ସ୍ୱର୍ଣ୍ଣ ପଦକ ସହ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ରନରଅପ୍ ଜାମଶେଦପୁର ଦଳ ରୌପ୍ୟ ପଦକ ସହିତ ୧୫ ଲକ୍ଷ ଟଙ୍କାର ପୁରସ୍କାର ଗ୍ରହଣ କରିଥିଲା ଗୋଆର ଇକର ଗୌରୋକ୍ସେନା ଓ ବୋର୍ଜା ଗୋଞ୍ଜାଲେଜ ୪ଟି ଲେଖାଏ ଗୋଲ ଦେଇ ଯୁଗ୍ମ ଟପ୍ ସ୍କୋରର ବିବେଚିତ ହୋଇଥିଲେ ଚାମ୍ପିୟନ ହୋଇଥିବା ଗୋଆ। ଦଳ ୨୦୨୫-୨୬ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି।

ମ୍ୟାଚ ଆରମ୍ଭ ହେବାକ୍ଷଣି ଜାମଶେଦପୁର ଏଫ୍‌ସି ଆକ୍ରମଣାତ୍ମକ ଆଭିମୁଖ୍ୟ ଅବଲମ୍ବନ କରି ଗୋଲ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଜାଭି ହର୍ନାଣ୍ଡେଜଙ୍କ ଶଟ୍‌କୁ ଗୋଆ ଗୋଲକିପର ସେଭ୍ କରି ଦେଇଥିଲେ।ଲ ପ୍ରତି ଆକ୍ରମଣକରି ସଫଳ ହୋଇଥିଲା। ଗୋଆ ୨୩ତମ ମିନିଟ୍‌ରେ ବୋର୍ଜା ହର୍ନାଣ୍ଡେଜ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରିଥିଲେ। ଜାମଶେଦପୁର ଏଫ୍‌ସି ଗୋଲକିପର ଆଲବିନୋ ଗୋମ୍ସ ୨ ଥର ସେଭ୍ କରିଥିଲେ ହେଁ ବୋର୍ଜା ଚତୁରତାର ସହ ରିବାଉଣ୍ଡ ଶଟ୍ ସହ ଏହାକୁ ଗୋଲରେ ପରିଣତ କରିଥିଲେ ପ୍ରଥମାର୍ଦ୍ଧ ଶେଷ ବେଳକୁ ଗୋଆ ୧-୦ରେ ଅଗ୍ରଣୀ ରହିଥିଲା ଦ୍ୱିତୀୟାର୍ଦ୍ଧରେ ଜାମଶେଦପୁର ଗୋଲ ପରିଶୋଧ କରିବାକୁ ଉଦ୍ୟମରେ ଥିବାବେଳେ ୫୨ତମ ମିନିଟ୍‌ରେ ବୋର୍ଜା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଗୋଆକୁ ଡ୍ରାଇଭର ସିଟରେ ବସାଇ ଦେଇଥିଲେ ୮୦ତମ ମିନିଟ୍‌ରେ ଡେଜାନ ଡ୍ରାଜିକ୍ ଆଉ ଏକ ଗୋଲ ଦେବାରୁ ଗୋଆର ବିଜୟ ଏକ ପ୍ରକାର ନିଶ୍ଚିତ ହୋଇ ଯାଇଥିଲା।

## ୨୧ରୁ କୋମନା ପ୍ରିମିୟର ଲିଗ୍ କ୍ରିକେଟ

ନୂଆପଡ଼ା,୩।୫: ନୂଆପଡ଼ା ଜିଲା କୋମନା କଲ୍ୟାଣ ମଣ୍ଡପଠାରେ ଶନିବାର ପ୍ରଥମ ଦିବାରାତ୍ର କୋମନା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ସର୍ବସମ୍ମତି କ୍ରମେ ପାସା ମହାନ୍ଦଙ୍କୁ ସଭାପତି ଭାବରେ ମନୋନୀତ କରାଯାଇଛି ରାହୁଳ ଭୋଇ ସମ୍ପାଦକ, ସନ୍ତୋଷ ଶଗରିଆ। ଉପ ସଭାପତି, ଅନୁରାଗ ବୁକ ସହ ସମ୍ପାଦକ ଓ ଶହରୁଖ କାନଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରଯାଇଛି ମିତ୍ରଭାନୁ ପ୍ରଧାନ, ବଳରାମ ସରାଫ, କୈଳାସ ଚନ୍ଦ୍ର ବାଗ, ଚନ୍ଦ୍ରଧ୍ୱଜ ମାଝି ପ୍ରମୁଖ ଉପଦେଷ୍ଟା ଭାବରେ ମନୋନୀତ ହୋଇଛନ୍ତି। ଆସନ୍ତା ୨୧ରୁ ଖେଳ ଆରମ୍ଭ ହେବ। ଏଥିରେ କେବଳ କୋମନା ବ୍ଲକର ୮ଟି ଟିମ ଭାଗ ନେବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପ□ ହୋଇଛି। ବ□ମାନ ୧୬୦ ଜଣ ଖେଳାଳି ସେମାନଙ୍କ ନାମ ପଞ୍ଜୀକୃତ କରିଥିବା କମିଟି ପକ୍ଷରୁ ସୂଚନା ମିଳିଛି।

# ପିଏସଏଲ୍ ଛାଡ଼ିଲେ ଆଉ ଜଣେ ଖେଳାଳି

## ବାବର ଆଜାମ ଟିମ୍‌କୁ ଲାଗିଲା ବଡ଼ ଝଟକା

ନୂଆଦିଲ୍ଲୀ,୪।୫: ଆଇପିଏଲ ୨୦୨୫ ପାଇଁ ପଞ୍ଜାବ କିଙ୍ଗ୍ସ ଦଳକୁ ବଡ଼ ଝଟକା ଲାଗିଛି। ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଆହତ କାରଣରୁ ଟୁର୍ନାମେଣ୍ଟରୁ ବାଦ ପଡ଼ିଛନ୍ତି। ତେବେ ଏହି ସ୍ଥାନ ପୂରଣ କରିବା ପାଇଁ ପଞ୍ଜାବ କିଙ୍ଗ୍ସ ନେଇଛି ଏକ ବଡ଼ ନିଷ୍ପ□। ଦଳ ମ୍ୟାକ୍ସୱେଲ୍‌ଙ୍କ ବଦଳରେ ଅଷ୍ଟ୍ରେଲିଆର ବିସ୍ଫୋରକ ଅଲରାଉଣ୍ଡର ମିଚେଲ ଓଭେନଙ୍କୁ ଅଣାଯାଇଛି, ଯିଏ ପାକିସ୍ତାନ ସୁପର ଲିଗ (ପିଏସଏଲ)ରେ ବାବର ଆଜମଙ୍କ ସାଥୀ ଖେଳାଳି ଭାବେ ଚର୍ଚ୍ଚାରେ ରହିଛନ୍ତି।



ମିଚେଲ ଓଭେନ ପିଏସଏଲରେ ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଓ ଦକ୍ଷ ବୋଲିଂ ପାଇଁ ଜଣାଶୁଣା ସେ ବାବର ଆଜମଙ୍କ ସହ ସମାନ ଦଳରେ ଖେଳି ଅନେକ ମ୍ୟାଚରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ତାଙ୍କର ଏହି ଅଭିଜ୍ଞତା ଓ ବିସ୍ଫୋରକ ଶୈଳୀ ପଞ୍ଜାବ କିଙ୍ଗ୍ସର ମଧ୍ୟମ କ୍ରମ ଓ ବୋଲିଂ ବିଭାଗକୁ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି।

ପଞ୍ଜାବ କିଙ୍ଗ୍ସ ଏହି ପରିବ□ନ ସମ୍ପର୍କରେ ସୋସିଆଲ ମିଡିଆ। ଜରିଆରେ ସୂଚନା ଦେଇଛି ଦଳର ଅଧିନାୟକ ଓ କୋଚିଂ ଷ୍ଟାଫ ମିଚେଲଙ୍କୁ ନେଇ ବେଶ ଉତ୍ସାହିତ ମ୍ୟାକ୍ସଲେଙ୍କ ଅନୁପସ୍ଥିତି ନିଶ୍ଚିତ ଭାବେ ଏକ କ୍ଷତି, କିନ୍ତୁ ମିଚେଲ ଓଭେନଙ୍କ ଆଗମନ ଦଳକୁ ନୂଆ ଶକ୍ତି ଦେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଇପିଏଲ ୨୦୨୫ରେ ପଞ୍ଜାବ କିଙ୍ଗ୍ସ ଏକ ନୂଆ ରଣନୀତି ସହ ମଇଦାନକୁ ଓହ୍ଲାଇବ। ମିଚେଲ ଓଭେନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ, କାରଣ ସେ ମ୍ୟାକ୍ସୱେଲଙ୍କ ସ୍ଥାନ ପୂରଣ କରି ଦଳକୁ କେଉଁ ଦିଗରେ ନେଇପାରିବେ, ତାହା ଦେଖିବା ବାକି ରହିଲା।

# ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ରୋମାଞ୍ଚକର ବିଜୟ

ବେଙ୍ଗାଲୁରୁ,୪।୫ ସସ୍‌ପେନ୍ସ, ଥ୍ରୀଲର ଭରା ବେଙ୍ଗାଲୁରୁ ମ୍ୟାଚ୍ ଶେଷ ଓଭରରେ ବଢ଼ିଲା ହୃଦସ୍ପନ୍ଦନ ଯସ୍ ଦୟାଲଙ୍କ ପ୍ରତିଟି ବଲ ସହ ଓଭର ସିନା ସରୁଥିଲା ହେଲେ କିଏ ଜିତିବ ଥିଲା ଅନିଶ୍ଚିତ ଶେଷରେ ସଂଘର୍ଷ କରି ବାଜି ମାରିନେଲା ବେଙ୍ଗାଲୁରୁ । ଆଇପିଏଲର ୫୨ତମ ମ୍ୟାଚକୁ ୨ରନରେ ଜିତି ନେଇଯାଇଛି ଦଳ ଦୁଇ ଅଙ୍କ ପାଇ ୧୬ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ପହଞ୍ଚିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମେ ବ୍ୟାଟିଂ କରି ୨୧୩ରନ୍‌ର ଟାର୍ଗେଟ୍ ଦେଇଥିଲା । ଏହି ଲକ୍ଷ୍ୟକୁ ପିଛା କରିଥିଲା ଚେନ୍ନାଇ ସୁପର କିଙ୍ଗସ ୨୧୧ ରନ୍ କରିବାରେ ସକ୍ଷମ ହୋଇଥିଲା । ଫଳରେ ଶେଷ ଓଭରରେ ଘରୋଇ ଟିମ୍ ୨ ରନରେ ମ୍ୟାଚ୍ ଜିତି ନେଇଛି।ଆଇପିଏଲର ୫୨ତମ ମ୍ୟାଚ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିଲା। ଶନିବାର ମୁହାଁମୁହିଁ ହୋଇଥିଲେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର କିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ପାଞ୍ଚି କେଟ୍ ହରାଇ ୨୧୩ ରନ୍ କରିଥିଲା । ଜାକବ ବେଥେଲ ଓ ବିରାଟ କୋହଲି ପାଳି ଆରମ୍ଭ କରିଥିଲେ। ପ୍ରଥମ ୱିକେଟ ପାଇଁ ଦୁହିଁଙ୍କ ମଧ୍ୟରେ ୯୭ ରନର ଭାଗୀଦାରି ହୋଇଥିଲା। ଜାକବ ୩୩ ବଲ୍‌ରେ ୫୫ ରନ୍ କରି ଆଉଟ୍ ହୋଇଥିଲେ। ପରେ ବିରାଟ କୋହଲି ୩୩ ବଲ୍‌ରେ ୬୨ ରନ୍ କରିଥିଲେ। ଏଥିରେ ୫ଟି ଚୌକା ଓ ୫ ଛକା ରହିଛି ଏହାପରେ ଦେବଦ□ ପାଡିକାଲଙ୍କୁ ପଥିରାନା ପାଭିଲିୟନ ପଠାଇଥିଲେ। ସେ ୧୫ ବଲ୍‌ରେ ୧୭ ରନ୍ କରିଥିଲେ। ଜିତେଶ ଶର୍ମା ୭ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ରଜତପାଟିଦାର ୧୫ ବଲ୍ ରେ ୧୧ ରନ୍ କରି ପଥିରନାଙ୍କ ଶିକାର ହୋଇଥିଲେ। ଶେଷରେ ରୋମାରିଓ ସେଫର୍ଡ ୧୪ ବଲ୍‌ରେ ୫୩ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ସେ ୬ଟି ଛକା ଓ ୪ଟି ଚୌକା ମାରିଥିଲେ ଅନ୍ୟପଟେ ୨୧୪ ଲକ୍ଷ୍ୟକୁ ପିଛା କରି ମ୍ୟାଚ୍ ହାରିଛି ଚେନ୍ନାଇ ସୁପର କିଙ୍ଗସ ।



# ହେମରାଜ ୪, ଅଞ୍ଜଳୀ ୬ ବର୍ଷ ବାସନ୍ଦ

ନୂଆଦିଲ୍ଲୀ,୩।୫: ଲଙ୍ଗ ଡିଷ୍ଟାନ୍ସ ରନର ହେମ୍‌ରାଜ ଗୁର୍ଜାର ଓ ଅଞ୍ଜଳୀ କୁମାରୀ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା ଯଥାକ୍ରମେ ୪ ଓ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଉଭୟେ ଗତବର୍ଷ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୫ ବର୍ଷୀୟ ଗୁର୍ଜାର ୨୦୨୩ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ର ୫୦୦୦ ମିଟର ରେସ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦୨୩ ଓ ୨୦୨୪ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ନିଷ୍ପ□ ତାରିଖି ଏପ୍ରିଲ ୨୦ରୁ ସେ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ହୋଇଛନ୍ତି।ଗୁର୍ଜାର ଆହୁରି ମଧ୍ୟ ଗତବର୍ଷ ୱାଲର୍ଡ ଆଥିଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ଦେଶରୁ ପ୍ରତିନିଧି କରିଥିଲେ। ତାଙ୍କଠାରୁ ସଂଗୃହୀତ ଡୋପ୍ ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ଡାର୍ବେପୋଟିନ (ଡେପୋ) ଠାବ କରାଯିବା ପରେ ନାଡା ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଥିଲା। ଅନ୍ୟପକ୍ଷରେ ଅଞ୍ଜଳୀଙ୍କ ୬ ବର୍ଷ ବାସନ୍ଦ ଦଣ୍ଡ ମାର୍ଚ୍ଚ ୩୧ ରୁ କାର୍ଯ୍ୟକାରୀ ହେବ ବୋଲି ନାଡା ୱେବ୍‌ସାଇଟ୍‌ରେ ସଦ୍ୟତମ ଅପ୍‌ଡେଟ୍‌ରୁ ଜଣାପଡ଼ିଛି। ଏଥିରେ ଏହାଠାରୁ ଅଧିକ କିଛି ତଥ୍ୟ ପ୍ରଦାନ କରାଯାଇ ନାହିଁ ଅଞ୍ଜଳୀ ଆହୁରି ମଧ୍ୟ ଗତବର୍ଷ ଦେଶରୁ ୱାଲର୍ଡ ଆଥିଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ପ୍ରତିନିଧି କରିଥିଲେ।




# ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ବିସିସିଆଇକୁ ଚେତାବନୀ

ନୂଆଦିଲ୍ଲୀ,୪।୫(ଏଜେନ୍ସି): ବିହାରର ଯୁବ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ବୟସରେ ନିଜର ବ୍ୟାଟିଂ ଯୋଗୁ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି ସେ ସମ୍ପ୍ରତି ଆଇପିଏଲ୍‌ରେ ଶତକ ହାସଲ କରିବାରେ ଦ୍ରୁତତମ ଭାରତୀୟ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ବୈଭବଙ୍କ ପ୍ରତିଭା ଦେଖିବା ପରେ, ଅନେକ କିମ୍ବଦନ୍ତୀ ତାଙ୍କୁ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି କହୁଛନ୍ତି।ସେହିଭଳି ସେ ଖୁବ୍‌ଶୀଘ୍ର ଟିମ୍ ଇଣ୍ଡିଆ। ପାଇଁ ଖେଳିପାରନ୍ତି ବୋଲି କୁହାଯାଉଛି। ଏସବୁ ମଧ୍ୟରେ, ଭାରତର ପୂର୍ବତନ ପ୍ରଶିକ୍ଷକ ଏକ ବଡ଼ ବୟାନ ଦେଇଛନ୍ତି। ଏହି ଯୁବ ଖେଳାଳିଙ୍କୁ ସଠିକ ଭାବରେ ପରିଚାଳନା କରିବା ପାଇଁ ବିସିସିଆଇକୁ ଏକ ବଡ଼ ଚେତାବନୀ ଦେଇଛନ୍ତି। କାରଣ ଶତକ ହାସଲ କରିବା ପରେ ବୈଭବଙ୍କ ସମସ୍ତଙ୍କର ଚର୍ଚ୍ଚାକୁ ଆସିଥିଲେ। ସବୁଆଡ଼େ ପ୍ରଶଂସା ମିଳିବା ପରେ ଗତ ୨ ମ୍ୟାଚ୍‌ରୁ ମାତ୍ର ୪ ରନ୍ କରିପାରିଛନ୍ତି।



ବୈଭବ ସୂର୍ଯ୍ୟବଂଶୀ ନିଜ ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଏହି କ୍ରମରେ ପୂର୍ବତନ ଭାରତୀୟ ପ୍ରଶିକ୍ଷକ ଗ୍ରେଗ ଚାପେଲ ବୈଭବଙ୍କୁ ନେଇ କୁ ଚେତାବନୀ ମଧ୍ୟ ଦେଇଛନ୍ତି। ବିସିସିଆଇକୁ ବୈଭବଙ୍କୁ ସଠିକ ଉପାୟରେ ପରିଚାଳନା କରିବାକୁ ପଡିବ। କାରଣ ଭାରତ ପୂର୍ବରୁ ସଚିନ ତେନ୍ଦୁଲକର, ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶଙ୍କ ଭଳି ଯୁବ କ୍ରିକେଟରଙ୍କୁ କମ ବୟସରେ ବଡ଼ ନାମ କମାଇବାର ଦେଖିଛି କିନ୍ତୁ ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶଙ୍କ କ୍ୟାରିୟର ଖୁବ୍‌ଶୀଘ୍ର ଟ୍ରାକରୁ ଚାଲିଗଲା ଏପରି ପରିସ୍ଥିତିରେ, ବିସିସିଆଇକୁ ବୈଭବଙ୍କ ପ୍ରତି ଅଧିକ ଧ୍ୟାନ ଦେବାକୁ ପଡିବ ବୋଲି ସେ କହିଛନ୍ତି।

ଗ୍ରେଗ ଚାପେଲ କ୍ରିକଇନଫୋ ପାଇଁ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, ସଚିନ ତେନ୍ଦୁଲକର କେବଳ ପ୍ରତିଭା ଯୋଗୁ ନୁହେଁ, ବରଂ ତାଙ୍କର ଏକ ଦୃଢ଼ ସପୋର୍ଟ ସିଷ୍ଟମ୍ ମଧ୍ୟ ଥିଲା। ଜଣେ ଶାନ୍ତ ସ୍ୱଭାବ, ଜଣେ ବୁଝାମଣା ପ୍ରଶିକ୍ଷକ, ଏକ ପରିବାର ଯିଏ ତାଙ୍କୁ ସାଂସାରିକତାର ସର୍କସରୁ ରକ୍ଷା କରିଥିଲେ। ଅନ୍ୟପକ୍ଷରେ, ସମାନ ପ୍ରତିଭାଶାଳୀ ଏବଂ ଅଧିକ ଚମତ୍କାର ଥିଲେ ବି ବିନୋଦ କାମ୍ବଲି, ପ୍ରସିଦ୍ଧି ଏବଂ ଶୃଙ୍ଖଳା ମଧ୍ୟରେ ସନ୍ତୁଳନ ରଖିପାରି ନ ଥିଲେ। ପୃଥ୍ୱୀ ଶ ମଧ୍ୟ ଆଉ ଜଣେ ଚମତ୍କାର ଖେଳାଳି ଯିଏ ଏବେ ବି ଶୀର୍ଷକୁ ଫେରିପାରିବେ।

ଦିନ ଥିଲା ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶଙ୍କୁ ଥରେ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି ବିବେଚନା କରାଯାଉଥିଲା, କିନ୍ତୁ କିଛି ସମୟ ମଧ୍ୟରେ ସେମାନେ ନିଜର ପଥରୁ ଓହରି ଯାଇଥିଲେ। ଏହି ଦୁଇ ଖେଳାଳି ନିଜ ପ୍ରତିଭାକୁ ଠିକ ଭାବରେ ବ୍ୟବହାର କରିପାରିଲେ ନାହିଁ। କାମ୍ବଲିଙ୍କ କ୍ରିକେଟ କ୍ୟାରିଅର ସଚିନ ତେନ୍ଦୁଲକରଙ୍କ ଠାରୁ ଆରମ୍ଭ ହୋଇଥିଲା। କିନ୍ତୁ କାମ୍ବଲି ପଡ଼ିଆ। ବାହାରେ ଜିନିଷଗୁଡ଼ିକୁ ସମ୍ଭାଳିବାରେ ବିଫଳ ହୋଇଥିଲେ ଏବଂ ତାଙ୍କର ମଦ୍ୟପାନ ନିଶା ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେଇଥିଲା। ପୃଥ୍ୱୀ ଶ ମଧ୍ୟ ବହୁତ କମ ବୟସରେ ଭାରତ ପାଇଁ ତିନୋଟି ଫର୍ମାଟରେ ଡେବ୍ୟୁ କରିଥିଲେ। କିନ୍ତୁ ବ□ମାନ ସେ ବରିଷ୍ଠ ଦଳର ଯୋଜନାରେ କୌଣସି ସ୍ଥାନରେ ନାହାନ୍ତି। ଏହାର ସବୁଠାରୁ ବଡ଼ କାରଣ ହେଉଛି ଅନୁଶାସନହୀନତା, ଫିଟନେସ ଚିନ୍ତା ଏବଂ ତାଙ୍କର ମଇଦାନ ବାହାରର ବିବାଦ।

# ମୁଁ ସାମୟିକ ବାସନ୍ଦାଦେଶ ଭୋଗ କରୁଛି: ରାବାଡା

ଜୋହାନ୍ସବର୍ଗ,୩।୫: ମନୋରଞ୍ଜନ ଲାଗି ନେଇଥିବା ଔଷଧ କାରଣରୁ ବ□ମାନ ସାମୟିକ ବାସନ୍ଦାଦେଶ ଭୋଗ କରୁଥିବା ବିଶ୍ୱର ପ୍ରିମିୟର ଫାଷ୍ଟ ବୋଲର କାଗିସୋ ରାବାଡା ଶନିବାର ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକୀୟ ପେସର ଗତ ମାସରେ ଗୁଜରାଟ ଟାଇଟନ୍ସ ଲାଗି ଦୁଇଟି ମ୍ୟାଚ୍ ଖେଳିବା ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ସ୍ୱଦେଶ ଫେରି ଯାଇଥିଲେ। ଆସନ୍ତା ୨୫ ତାରିଖରେ ୩୦ ବର୍ଷରେ ପାଦ ଦେବାକୁ ଯାଉଥିବା ରାବାଡା ଦକ୍ଷିଣ ଆଫ୍ରିକୀୟ କ୍ରିକେଟର୍ସଙ୍କ ଆସୋସିଏଶନ (ଏସ୍‌ଏସିଏ) ଜରିଆରେ ଏକ ବିବୃତି ଜାରି କରିଛନ୍ତି।



ମୁଁ ନିକଟରେ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ୍‌ରେ ଅଂଶଗ୍ରହଣ ନ କରି ଦକ୍ଷିଣ ଆଫ୍ରିକାକୁ ଫେରି ଆସିଥିଲି । ମନୋରଞ୍ଜନ ଲାଗି ଔଷଧ ବ୍ୟବହାର ଯୋଗୁ ମୋ ଡୋପ ନମୁନାରେ ନିଷିଦ୍ଧ ଔଷଧ ଠାବ ହୋଇଛି। ମୁଁ ଏବେ ସାମୟିକ ବାସନ୍ଦାଦେଶ ଭୋଗ କରୁଛି। ମୁଁ କ୍ରିକେଟକୁ ଫେରିବା ଲାଗି ଉତ୍ସାହିତ ଅଛି ବୋଲି ରାବାଡା କହିଛନ୍ତି। ତେବେ ଏହି ବିବୃତିରେ ସେ କେଉଁଭଳି ମନୋରଞ୍ଜନକାରୀ ଔଷଧ ଗ୍ରହଣ କରିଥିଲେ ଏବଂ ପ୍ରତିଯୋଗିତା ବେଳେ (ଆଇସି) ନା ପ୍ରତିଯୋଗିତାରେ ଖେଳୁ ନ ଥିବାବେଳେ (ଓସି) ତାଙ୍କର ଡୋପ ପରୀକ୍ଷା କରାଯାଇଥିଲା, ସେ ସମ୍ପର୍କରେ କିଛି ପ୍ରକାଶ କରାଯାଇ ନାହିଁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ